ଧରିତ୍ରୀ
DHARITRI
December 4-10, 2022 ₹ 2/-

# ଛୁଟିଦିନ

# ଗୁପ୍ତଚର

ବଦଳିଯାଏ ନାଁ।
ବଦଳିଯାଏ ପରିଚୟ। ଦେଶରକ୍ଷା
ପାଇଁ ଶତ୍ରୁଙ୍କ ଗହଣରେ ରହି ଶତ୍ରୁଙ୍କ
ଗୁପ୍ତତଥ୍ୟକୁ ଗୁପ୍ତଭାବେ ନିଜ ଦେଶକୁ ପଠାନ୍ତି। କେବେ
ଏଥିରେ ଜୀବନ ଚାଲିଯାଏ ତ କେବେ ଧରାପଡିଗଲେ
ଜେଲ୍‌ର ଚାରିକାନ୍ଥ ଭିତରେ ପାଆନ୍ତି ଅକଥନୀୟ
ନିର୍ଯାତନା। ତଥାପି ଦେଶର ସ୍ୱାର୍ଥ ଓ ଦେଶବାସୀଙ୍କ ପାଇଁ
ସେମାନେ ସବୁକିଛିକୁ ମୁଣ୍ଡପାତି ସହିଯାଆନ୍ତି...
............................



## ପଢ଼ାରେ ମନ ଲାଗୁ ନ ଥିଲେ

କିଛି ପିଲାଙ୍କର ପାଠରେ ବେଶ୍ ଆଗ୍ରହ ଥାଏ ତ ଆଉ କିଛି ପିଲାଙ୍କର ପଢ଼ାରେ ଜମା ମନ ଲାଗେନି। ପାଠ ନାଁ ଶୁଣିଲେ ସେମାନେ ମୁହଁ ଶୁଖାଇ ଦିଅନ୍ତି। ବହି ଖୋଲି ବସିଲେ ବି ଧ୍ୟାନ ସେମାନଙ୍କର ଅନ୍ୟତ୍ର ଥାଏ। ହେଲେ ଏମିତି କିଛି ଉପାୟ ଅଛି, ଯାହାକୁ ଆପଣାଇ ପିଲାଙ୍କର ପାଠ ପ୍ରତି ଏକାଗ୍ରତା ବଢ଼ାଇହେବ। ଯେମିତି କି:



✲ ପିଲାମାନେ ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ବସି ପଢ଼ିଲେ, ଏକାଗ୍ରତା ବୃଦ୍ଧି ହେବା ସହ ସେମାନଙ୍କର ପାଠ ପଢ଼ାରେ ଆଗ୍ରହ ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ ପିଲାର ଶୁଭମନାସୀ ପ୍ରତି ଗୁରୁବାର ଦିନ ଭଗବାନ ବିଷ୍ଣୁଙ୍କ ମନ୍ଦିରରେ ନିଜ ସାମର୍ଥ୍ୟ ଅନୁସାରେ ଗରିବ ଲୋକଙ୍କୁ କିଛି ଧାର୍ମିକ ପୁସ୍ତକ ଓ ପେନ୍ ଦାନ କଲେ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଯେଉଁ ପିଲାର ପାଠରେ ମନ ଲାଗୁନାହିଁ ତା'ର ପକେଟ୍‌ରେ ସବୁବେଳେ ଫିଟିକିରି ଖଣ୍ଡେ ରଖିବା ସହ ପ୍ରତ୍ୟହଃ ତା'ର ମଥା ଏବଂ ନାଭିରେ କେଶରର ତିଳକ ଲଗାଇଲେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଅନ୍ୟପକ୍ଷେ କୁହାଯାଏ, ଭଗବାନ ବିଷ୍ଣୁଙ୍କ ଫଟୋ କିମ୍ବା ମୂର୍ତ୍ତି ନିକଟରେ ଦୀପ ଜାଳିବା ସହ କଦଳୀ ଗଛ ମୂଳରେ ପ୍ରତ୍ୟେକ ଦିନ ଜଳ ଢାଳି ସେଠାରୁ ମାଟି ଆଣି ପିଲାର ମଥାରେ ତିଳକ ଲଗାଇଲେ ବି ପିଲାଙ୍କର ପଢ଼ା ପ୍ରତି ଆଗ୍ରହ ଆସିଥାଏ।

✲ ପିଲାଙ୍କ ଷ୍ଟଡି ରୁମ୍‌ର ପୂର୍ବ, ଉତ୍ତର-ପୂର୍ବ କିମ୍ବା ଦକ୍ଷିଣ ପାର୍ଶ୍ୱରେ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ମହମବତି ଜାଳିଲେ ବି ସେମାନେ ପାଠ ପ୍ରତି ଆକର୍ଷିତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୪-୧୦

**ମେଷ**
ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି, ଦୂରଯାତ୍ରାରେ କ୍ଷତି, ଆଲୋଚନାରେ ବିଫଳତା, ସନ୍ତାନଙ୍କ ବିଶୃଙ୍ଖଳା, କର୍ମକ୍ଷେତ୍ରରେ ସମ୍ମାନଲାଭ, ପଡୋଶୀଙ୍କ ସୁସମ୍ପର୍କ, ଉପରିସ୍ଥଙ୍କ ସହାନୁଭୂତି, ନିର୍ମାଣରେ ବାଧା, କରଜଦାତାଙ୍କ ଚାପ ॥

**ବୃଷ**
କର୍ମଦକ୍ଷତାର ପ୍ରଶଂସା, ପ୍ରଶାସନିକ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଅର୍ଥାଳଙ୍କାର ପ୍ରାପ୍ତି । କାମ ଅଟକିବ ନାହିଁ, ମାନସିକ ଶାନ୍ତି ମିଳିବ, ବନ୍ଧୁମିଳନ, ଦେବଦର୍ଶନ, ନୂତନସ୍ଥାନ ପରିଭ୍ରମଣ, ଶୁଭଖବର ପ୍ରାପ୍ତି ॥

**ମିଥୁନ**
ଆରୋଗ୍ୟ ଲାଭ, କାର୍ଯ୍ୟସିଦ୍ଧି, ସହଯୋଗ ମିଳିବ, ପଡୋଶୀଙ୍କ ମିଥ୍ୟାଭିଯୋଗ, ମାନସିକ ଅବସାଦ, ପାରିବାରିକ ସଦ୍‌ଭାବ, ଆନୁଷ୍ଠାନିକ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଛୋଟକଥାରୁ କଳହ, ପରିବହନ ସଂସ୍କାର।

**କର୍କଟ**
ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି, ବିପନ୍ନ ଆର୍ଥିକ ସ୍ଥିତି, ପଡୋଶୀଙ୍କ ପ୍ରତାରଣା, ଆତ୍ମୀୟଙ୍କ ଅନାଦର, ଶୁଭକାର୍ଯ୍ୟର ପ୍ରସ୍ତୁତି, ଭ୍ରମଣଜନିତ କ୍ଲାନ୍ତି, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି।

**ସିଂହ**
ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ରତିଯୋଗୀତାରେ ସଫଳତା, ଯାନବାହନ କ୍ରୟ, ନୂତନ କର୍ମସଂସ୍ଥାନ, ବିଦେଶଯାତ୍ରାର ସୁଯୋଗ, ଅନୁକୂଳ ପରିବେଶ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଭ୍ରମଣଜନିତ କଷ୍ଟ, ନୂତନ ପ୍ରକଳ୍ପାରମ୍ଭ, ଆଇନ ସହାୟତା ପାଇବେ।

**କନ୍ୟା**
କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି, ଅନୁକୂଳ ପରିସ୍ଥିତି, ଋଣ କରିବାକୁ ଯୋଜନା, ବାଣିଜ୍ୟରେ କ୍ଷତି, ପରିବାରରୁ ପ୍ରତିରୋଧ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ଦୂରସ୍ଥାନକୁ ଯାତ୍ରା, ଯାନ୍ତ୍ରିକ ସମସ୍ୟା, ଲେଖାପଢାରେ ସୁନାମ ॥

**ତୁଳା**
ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ପ୍ରେରଣାଲାଭ, ଗୃହସୀମା ବିବାଦ, ଅର୍ଥସଂକଟ, ଲୋକସମ୍ପର୍କ ହାନୀ, ସାମାଜିକ ସମ୍ମାନ, ପରିବାରରେ ଉତ୍ତମ ବୁଝାମଣା, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ, ମାଙ୍ଗଳିକ କାମର ପ୍ରସ୍ତୁତି ॥

**ବିଛା**
କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ବିରୋଧାଭାଷ, ଭ୍ରମଣଜନିତ କ୍ଲାନ୍ତିବୋଧ, ଆଶା ଫଳବତୀ ହେବ, ଦୂରଯାତ୍ରାର ଯୋଜନା, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମ୍ବାଦିକତାରୁ ଗୌରବ, ଗବେଷଣାରୁ ପ୍ରଶଂସା ॥

**ଧନୁ**
ଭୁଲ୍ ବୁଝାମଣାରୁ ବିବାଦ, ଧନସମ୍ପଦ ହାନୀ, ଆଇନ ସହାୟତାପ୍ରାପ୍ତି, ରାଜକୀୟ ସମ୍ମାନ, କର୍ମତତ୍ପରତା ବଢିବ, ପାରିବାରିକ ଆଲୋଚନା, କୃଷି ବାଣିଜ୍ୟରୁ ଲାଭ, କାର୍ଯ୍ୟଶୈଳୀ ବଦଳିପାରେ, ବିଦେଶଯାତ୍ରାର ସୁଯୋଗ ପ୍ରାପ୍ତି ॥

**ମକର**
ପରିବାରରେ ବିତର୍କ, ଅର୍ଥସମ୍ପର୍କୀୟ ବିବାଦ,ଧାତୁ ଅଳଙ୍କାର କ୍ରୟ, ଆଲୋଚନାରେ ଦ୍ୱନ୍ଦ୍ୱ, ରୋଗପୀଡା ବୃଦ୍ଧି, କଚେରୀ ମାମଲାରେ ଦୁଃଶ୍ଚିନ୍ତା, ରିସ୍କ ପଦକ୍ଷେପ ନେବେ, ବନ୍ଧୁଙ୍କ ସନ୍ଦେହ, ସଙ୍ଗୀତପ୍ରିୟ ହେବେ ॥

**କୁମ୍ଭ**
ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପରାମର୍ଶ, ସହକର୍ମୀଙ୍କ ତିକ୍ତତା, ସମସ୍ୟା ବୃଦ୍ଧି ପାଇବ, ଖର୍ଚ୍ଚାନ୍ତ ହେବାକୁ ପଡିପାରେ, ସଭାସମିତିରେ ଅଭ୍ୟର୍ଥନା, ନୂତନ ସମ୍ପର୍କ, ସ୍ତ୍ରୀଙ୍କ ସହ ମତାନ୍ତର, ଫଳପ୍ରଦ ଆଲୋଚନା ॥

**ମୀନ**
କାର୍ଯ୍ୟସିଦ୍ଧି, ସଂକଟ ଘନେଇବ, ଭ୍ରାତୃସମ୍ପର୍କରେ ଉନ୍ନତି, ନିର୍ମାଣରେ ବିବାଦ, ପରିବହନରେ ଉନ୍ନତି, ଧର୍ମକାର୍ଯ୍ୟ ସମ୍ପାଦନ, ଭଜନ ସମାରୋହ, ଉଚ୍ଚକର୍ତ୍ତୃପକ୍ଷଙ୍କ ତାଗିଦା, ଯାତ୍ରା ସ୍ଥଗିତ ରହିପାରେ ॥

# ସୌଭାଗ୍ୟ ଆଣୁଥିବା ଗଛ

ସବୁଜ ଗଛ ଓ ରଙ୍ଗବେରଙ୍ଗର ଫୁଲରେ ଭରା ବଗିଚାରେ ଟିକେ ବୁଲିଲେ ମନ ବେଶ୍ ତାଜା ହୋଇଯାଏ। ସେଥିପାଇଁ ତ ଅନେକେ ନିଜ ଅଗଣାରେ ହେଉ ଅବା ଛାତ ଉପରେ ବିଭିନ୍ନ ପ୍ରକାର ଗଛ ଲଗାଇଥାନ୍ତି। ଏପରି କି କେହି କେହି ଇଣ୍ଡୋର ପ୍ଲାଣ୍ଟ ବି ଲଗାଇବାର ସଉକ ରଖିଥାନ୍ତି। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଗଛ ଅଛି, ଯାହାକୁ ଲଗାଇବା ଦ୍ୱାରା ଘରର ଶୋଭା ସାଙ୍ଗକୁ ସୌଭାଗ୍ୟ ମଧ୍ୟ ବୃଦ୍ଧି ହୋଇଥାଏ। ଯଥା: ତୁଳସୀ– ଘରର ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଗ୍ରହଦୋଷ, ପାପକର୍ମ, ବାସ୍ତୁଦୋଷ ନାଶ ହେବା ସହ ଘରେ ସକାରାତ୍ମକ ଊର୍ଜା ପ୍ରବାହିତ ହୁଏ ଓ ଧନଧାନ୍ୟ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କୁହାଯାଏ, ଲକ୍ଷ୍ମୀ-ନାରାୟଣଙ୍କର ପ୍ରିୟ ଅଁଳା ଗଛକୁ ଘରର ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ଲଗାଇ ନିୟମିତ ସେଠାରେ ପୂଜାକଲେ ସୌଭାଗ୍ୟ ବଢିଥାଏ। ଅନ୍ୟପକ୍ଷେ ଗଙ୍ଗଶିଉଳି ଗଛକୁ ବି ଶୁଭ ବୋଲି କୁହାଯାଇଥାଏ। କୁହାଯାଏ, ଯେଉଁ ଘର ଅଗଣାରେ ଏହି ଗଛ ରହିଥାଏ, ସେଠାରେ ମା' ଲକ୍ଷ୍ମୀ ବାସ



କରିଥାନ୍ତି। ଏହି ଗଛ ପାଇଁ ପୂର୍ବ କିମ୍ବା ଉତ୍ତର ଦିଗ ହେଉଛି ଠିକ୍। ଏହାଛଡ଼ା ବେଲଗଛ, କଦଳୀ ଗଛ, ମନ୍ଦାର ଗଛ ଏବଂ ଅପରାଜିତା ଗଛକୁ ବି ଘର ଅଗଣାରେ ଲଗାଇଲେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

## ପାଠକୀୟ

✲ ଗାଁର ଏକ ନାଁ ଥାଏ। କିନ୍ତୁ ଅନେକ ସମୟରେ ଗ୍ରାମବାସୀମାନଙ୍କର ମହତକାର୍ଯ୍ୟ ସେ ଗାଁକୁ ଦେଇଥାଏ ନୂଆ ଏକ ପରିଚୟ। ଯେମିତି ପରିଚୟ ପାଇଛି ହରିପୁର ଗାଁ। ପରିବେଶ ଓ ଗୋ ସୁରକ୍ଷା ପାଇଁ ଏବେ ଏହି ଗାଁ ସବୁଠି ପରିଚୟ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପରିବେଶ ଓ ଗୋସୁରକ୍ଷା ପାଇଁ ସମର୍ପିତ ଗାଁ'ଟି ଏକ ନିଆରା ଆଲେଖ୍ୟ ଥିଲା। 'ସୁଖ ସମୃଦ୍ଧି ପାଇଁ ବାସ୍ତୁ', 'ବାରମ୍ବାର ଛିଙ୍କ ହେଉଥିଲେ' ଆଦି ପାଠଗୁଡ଼ିକରୁ ଅନେକ ଅଜଣା କଥା ଜାଣିହେଲା।

*– ରାକେଶ ସ୍ୱାଇଁ, ତାଳଚେର, ଅନୁଗୋଳ*

✲ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ପରିବେଶ ଓ ଗୋସୁରକ୍ଷା ପାଇଁ ସମର୍ପିତ ଗାଁ'ରୁ ଗୋଟିଏ ଗାଁ କିପରି ପରିବେଶ ଓ ଗୋସୁରକ୍ଷାକୁ ନେଇ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିପାରିଛି ତାହା ଜାଣି ଖୁସି ଲାଗିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ସିଙ୍ଗର ସ୍ୱୟଂପ୍ରକାଶ ପାଢୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିକିତ୍ସକ, ଗୀତିକାର, କବି ତଥା ଲେଖକ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଡାକ୍ତର ଶୁଭ ଦାଶଙ୍କ ବିଷୟରେ ବି ବହୁ କଥା ଜାଣି ଖୁସି ଲାଗିଲା।

*–କବିତା ଦାସ, ବିଞ୍ଝାରପୁର, ଯାଜପୁର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ପୁଅ ଜନ୍ମ' ତଥା 'ପ୍ରତିକ୍ରିୟା' ଶୀର୍ଷକ ଗପ ଦୁଇଟି ଯେତିକି ହୃଦୟସ୍ପର୍ଶୀ ଥିଲା ସେତିକି ମନଛୁଆଁ ବି ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ହୋଇପାରିଥିଲା। ସେହିପରି କବି ଦୀପ୍ତିମୟୀ ପ୍ରଧାନଙ୍କ ପ୍ରଥମ ରୋଜଗାରର ଅନୁଭୂତି ହୃଦୟସ୍ପର୍ଶୀ ହୋଇପାରିଥିଲା। *– ତାପସ ଦାସ, ପେଣ୍ଠକଣ୍ଟା, ପୁରୀ*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଶୀତରେ କିପରି ଲାଗିବେ ଫ୍ୟାଶନେବଲ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର ହୋଇଥିଲା। 'ପକ୍କେ ବାଘ ଅଭୟାରଣ୍ୟ' ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ କଥା ଜାଣିହେଲା। ରଙ୍ଗକୁ ନେଇ ପ୍ରସ୍ତୁତ ସ୍ୱତନ୍ତ୍ର ଆଲେଖ୍ୟ ବିବିଧା ପୃଷ୍ଠାରୁ ପଢି ଖୁସି ଲାଗିଲା।

*– ଅଭିଲିପ୍ସା ପଣ୍ଡା, ଆଳି, କେନ୍ଦ୍ରାପଡ଼ା*

✲ 'ସବୁଠୁ ଛୋଟ ଟିଭି ସେଟ୍', 'ଅଜବ କାରିଗରି', 'ରୋବୋଟିକ ଇଞ୍ଜିନିୟର ଅଫିସ୍ ଯାଆନ୍ତି ସ୍କର୍ଟ ପିନ୍ଧି' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ଏଥରର ବ୍ୟଙ୍ଗ 'ପିଲାଙ୍କ ଦାୟିତ୍ୱ କାହାର' ପାଠଟି ବେଶ୍ ମନଛୁଆଁ ଲାଗୁଥିଲା।

*–ମୁକେଶ ପ୍ରଧାନ, ମୟୂରଭଞ୍ଜ*

## ବିଶେଷ ଚିଠି



ଛୁଟିଦିନ ତୁମେ ଭାରି ବଢ଼ିଆ
କରୁଥାଅ ସବୁବେଳେ କିମିଆ।
ପ୍ରଚ୍ଛଦ ତୁମର ଜବାବ ନାହିଁ
ଯେତେ ପଢୁଥିଲେ ନୂଆ ଲାଗୁଥାଇ।
ଷୋହଳ ପୃଷ୍ଠାରେ ତୁମେ ଆସିଥାଅ
ଘଟିକେ ପରକୁ ଆପଣ କରିନିଅ।
ସଦୟ ହୁଅନ୍ତୁ ତୁମକୁ ମହାବାହୁ
ଏହିପରି ତୁମ ଜୟଜୟ ରହୁ।

*–ମନସ୍ୱିନୀ ଧଳ, ବାଙ୍କୀ, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଗୁପ୍ତଚର

ନାଁ ବଦଳେ। ଠିକଣା ବଦଳେ। ବଦଳେ ପୂରା ପରିଚୟ। ଆଉ ପାଲଟିଯାଆନ୍ତି ଜଣେ ଜଣେ ଗୁପ୍ତଚର ବା ସିକ୍ରେଟ୍ ଏଜେଣ୍ଟ। ଭିନ୍ନ ଏକ ଦେଶରେ ଶତ୍ରୁଙ୍କ ଗହଣରେ ରହି ଶତ୍ରୁଙ୍କ ଗୁପ୍ତତଥ୍ୟକୁ ଗୁପ୍ତଭାବେ ନିଜ ଦେଶକୁ ପଠାନ୍ତି। ଦେଶକୁ ବଡ଼ ବଡ଼ ବିପଦରୁ ରକ୍ଷାକରନ୍ତି। ପାଦେ ପାଦେ ଥାଏ ଜୀବନ ପ୍ରତି ବିପଦ। କେବେ ଏଥିରେ ଜୀବନ ଚାଲିଯାଏ ତ କେବେ ଧରାପଡିଗଲେ ଜେଲର ଚାରି କାନ୍ଥ ଭିତରେ ପାଆନ୍ତି ଅକଥନୀୟ ନିର୍ଯାତନା। ତଥାପି ଦେଶର ସ୍ୱାର୍ଥ ଓ ଦେଶବାସୀଙ୍କ ପାଇଁ ସେମାନେ ସବୁକିଛିକୁ ମୁଣ୍ଡପାତି ସହିଯାଆନ୍ତି। ସେମାନଙ୍କର ଏଇ ତ୍ୟାଗ ଓ ସାହସିକତାର କଥା ଅନେକ ସମୟରେ କିନ୍ତୁ ରହିଯାଏ ଗୋପନ ହୋଇ। ଏମିତି କମ୍ ଗୁପ୍ତଚର ଅଛନ୍ତି, ଯେଉଁମାନେ ଜୀବିତ ଫେରିଛନ୍ତି ନିଜ ଦେଶ ଭାରତକୁ। ଆଉ ଦେଶବାସୀ ଜାଣିପାରିଛନ୍ତି ତାଙ୍କ ତ୍ୟାଗର କଥାକୁ। ସେମିତି କେତେଜଣ ବିଶିଷ୍ଟ ଗୁପ୍ତଚରଙ୍କ ଜୀବନ କାହାଣୀ ଏଥରର ପ୍ରଚ୍ଛଦରେ...

**ବଦଳିଯାଏ ନାଁ। ବଦଳିଯାଏ ପରିଚୟ। ଦେଶରକ୍ଷା ପାଇଁ ଶତ୍ରୁଙ୍କ ଗହଣରେ ରହି ଶତ୍ରୁଙ୍କ ଗୁପ୍ତତଥ୍ୟକୁ ଗୁପ୍ତଭାବେ ନିଜ ଦେଶକୁ ପଠାନ୍ତି। କେବେ ଏଥିରେ ଜୀବନ ଚାଲିଯାଏ ତ କେବେ ଧରାପଡିଗଲେ ଜେଲ୍‌ର ଚାରିକାନ୍ଥ ଭିତରେ ପାଆନ୍ତି ଅକଥନୀୟ ନିର୍ଯାତନା। ତଥାପି ଦେଶର ସ୍ୱାର୍ଥ ଓ ଦେଶବାସୀଙ୍କ ପାଇଁ ସେମାନେ ସବୁକିଛିକୁ ମୁଣ୍ଡପାତି ସହିଯାଆନ୍ତି।**



**ରବୀନ୍ଦ୍ର କୌଶିକ:** ଭାରତର କେତେଜଣ ବିଖ୍ୟାତ ଗୁପ୍ତଚରଙ୍କ ମଧ୍ୟରେ ରବୀନ୍ଦ୍ର କୌଶିକଙ୍କ ନାମ ସର୍ବାଗ୍ରେ ଆସିବ। ୧୧ ଏପ୍ରିଲ ୧୯୫୨ରେ ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଜନ୍ମଗ୍ରହଣ କରିଥିଲେ ରବୀନ୍ଦ୍ର। ବାପା ଜେଏମ୍ କୌଶିକ ଇଣ୍ଡିଆନ୍ ଏୟାରଫୋର୍ସ ଅଫିସର ଥିଲେ। କଲେଜରେ ପଢୁଥିବା ସମୟରେ ସେ ଥିଏଟର ଓ ଅଭିନୟ ପ୍ରେମରେ ପଡ଼ିଯାଇଥିଲେ। ଆଉ ଥିଏଟର ଆକ୍ଟିଂରେ ସାମିଲ ହୋଇଥିଲେ। ତାଙ୍କ ଅଭିନୟ ଥିଲା ବେଶ୍ ଜୀବନ୍ତ। କୁହାଯାଏ, ତାଙ୍କ ଅଭିନୟ ଭାରତର ଫରେନ୍ ଇଣ୍ଟେଲିଜେନ୍ସ ଏଜେନ୍ସି ର' (ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ)ର ନଜରକୁ ଆସିଥିଲା। ଆଉ ତାଙ୍କୁ ର'ରେ ସାମିଲ ହେବାକୁ ପ୍ରସ୍ତାବ ଦିଆଯାଇଥିଲା। ରବୀନ୍ଦ୍ର ବି ବେଶ୍ ଉତ୍ସାହର ସହ ର'ରେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସବୁ ଭାରତୀୟ ଡକ୍ୟୁମେଣ୍ଟ ତଥା ପରିଚୟପତ୍ର ନଷ୍ଟ କରି ଦିଆଯାଇଥିଲା। ସେ ମୁସ୍‌ଲିମ୍ ଧର୍ମ ଗ୍ରହଣ କଲେ। ମୁସ୍‌ଲିମ୍ ଚଳଣି ଶିଖିବା ସହ ଉର୍ଦ୍ଦୁ ଭାଷା ଶିଖିଲେ। କୋରାନ୍ ଉପରେ ସବିଶେଷ ତାଲିମ ବି ନେଇଥିଲେ। ୧୯୭୫ ମସିହାରେ ଯେତେବେଳେ ତାଙ୍କୁ ମାତ୍ର ୨୩ ବର୍ଷ ବୟସ, ସେ ପାକିସ୍ତାନ ସୀମା ଭିତରକୁ ପ୍ରବେଶ କଲେ। ପାକିସ୍ତାନରେ ସେ ନୂଆ ଏକ ନାମରେ ନୂଆ ପରିଚୟରେ ପରିଚିତ ହେଲେ। ତାଙ୍କ ନାଁ 'ନବି ଅହମ୍ମଦ ଶାକିର' ରହିଲା। କରାଚୀ ବିଶ୍ୱବିଦ୍ୟାଳୟରେ ସେ ଏଲ୍‌ଏଲ୍‌ବି ପଢ଼ିଲେ। ପଢ଼ା ସରିବା ପରେ ରବୀନ୍ଦ୍ର ପାକିସ୍ତାନ ଆର୍ମିରେ ଯୋଗ ଦେବାରେ ବି ସଫଳ ହେଲେ। କୁହାଯାଏ, ବନ୍ଧୁମାନଙ୍କୁ ନିଜର କରି ରଖିବା ଭଲ, ହେଲେ ଶତ୍ରୁମାନଙ୍କୁ ଅଧିକରୁ ଅଧିକ ନିଜର କରିବା ଦରକାର। ସେଇ ନୀତିକୁ ଆପଣେଇ ସେ ପାକିସ୍ତାନରେ ନିଜର ଚେର ମଡ଼ାଇବାରେ ଲାଗିଲେ। ଫଳରେ ସେ ପାକିସ୍ତାନୀ ଆର୍ମିରେ କମିଶନ୍ଡ ଅଫିସର ଓ ପରେ ମେଜର ବି ହୋଇପାରିଥିଲେ। ଏହାବାଦ୍ ବ୍ୟକ୍ତିଗତ ଜୀବନରେ ସେ ଅମାନତ ନାମ୍ନୀ ଜଣେ ପାକିସ୍ତାନୀ ଯୁବତୀଙ୍କୁ ବିବାହ କରି ଏକ କନ୍ୟା ସନ୍ତାନର ଜନକ ବି ହେଲେ। ଏମିତିଭାବେ ସେ ପାକିସ୍ତାନର ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ଭାରତୀୟ ଇଣ୍ଟେଲିଜେନ୍ସ ୟୁନିଟ୍‌କୁ ବରାବର ପଠାଉଥା'ନ୍ତି। ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ପାକିସ୍ତାନୀ ଆର୍ମି ଅଫିସର ଭାବେ କାମ କରି ଭାରତୀୟ ଡିଫେନ୍ସ ଫୋର୍ସକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି ବଡ଼ ବଡ଼ ସାହାଯ୍ୟ କରିଥିଲେ। ତାଙ୍କର ଏଭଳି ଅବଦାନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କୁ 'ବ୍ଲାକ ଟାଇଗର' ନାମ ଦେଇଥିଲେ।

୧୯୮୫ ମସିହାରେ ଇନ୍ୟାତ ମସିହ୍ ନାମକ ଜଣେ ଗୁପ୍ତଚରଙ୍କୁ ର' ରବୀନ୍ଦ୍ରଙ୍କୁ ସାହାଯ୍ୟ ପାଇଁ ପଠାଇଥିଲା। ତେବେ ସେହି ଗୁପ୍ତଚର ଜଣକ ଥିଲେ ଜଣେ ଡବଲ ଏଜେଣ୍ଟ। ଅର୍ଥାତ୍ ସେ ଭାରତ ପାଇଁ କାମ କରିବା ସହ ପାକିସ୍ତାନ ପାଇଁ ବି କାମ କରୁଥିଲେ। ଆଉ ସେ ହିଁ ରବୀନ୍ଦ୍ରଙ୍କ ପ୍ରକୃତ ପରିଚୟ ପାକିସ୍ତାନରେ ପର୍ଦ୍ଦାଫାଶ କରିଥିଲେ। ଏହାପରେ ରବୀନ୍ଦ୍ରଙ୍କୁ ଗିରଫ କରାଯାଇ ସିଆଲକୋଟ ଇଣ୍ଟେରୋଗେସନ୍ ସେଣ୍ଟରରେ ଦୁଇ ବର୍ଷ ପର୍ଯ୍ୟନ୍ତ ଅତ୍ୟାଚାର କରାଯାଇଥିଲା। ପରେ ୧୯୮୫ ମସିହାରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। କିନ୍ତୁ ପାକିସ୍ତାନ ସୁପ୍ରିମକୋର୍ଟ ଦଣ୍ଡ କୋହଳ କରି ଆଜୀବନ କାରାଦଣ୍ଡ କରିଥିଲା ଏବଂ ତାଙ୍କୁ ଭିନ୍ନ ଭିନ୍ନ ଜେଲରେ ୧୬ ବର୍ଷ ରଖାଯାଇଥିଲା। ଏହି କଠିନ ସମୟରେ ବି ସେ ନିଜ ପରିବାରକୁ ଗୁପ୍ତଭାବେ ଚିଠି ପଠାଇବାରେ ସଫଳ ହୋଇଥିଲେ। ସେହି ଚିଠିରୁ ତାଙ୍କର ଖରାପ ସ୍ୱାସ୍ଥ୍ୟାବସ୍ଥା ଓ ଅତ୍ୟାଚାର ସମ୍ପର୍କରେ ଜଣାପଡ଼ିଥିଲା। ୨୦୦୧ ନଭେମ୍ବରରେ ମିଆନୱାଲୀ ସେଣ୍ଟ୍ରାଲ ଜେଲରେ ଥିବାବେଳେ ପଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ ଏବଂ ହୃଦ୍‌ରୋଗ ଯୋଗୁ ରବୀନ୍ଦ୍ର ମୃତ୍ୟୁବରଣ କଲେ। ପରିବାର ଲୋକଙ୍କ କହିବାନୁସାରେ ଭାରତ ସରକାର ତାଙ୍କୁ ଚିହ୍ନି ନ ଥିବା କହିଥିଲେ ଓ ତାଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ। ତାଙ୍କ ମୃତଦେହକୁ ପାକିସ୍ତାନର ଜେଲ ପଛପଟେ ପୋତି ଦିଆଯାଇଥିଲା। ରବୀନ୍ଦ୍ର ତାଙ୍କ ପରିବାରକୁ ପଠାଇଥିବା ଏକ ଚିଠିରେ କ୍ଷୋଭ ପ୍ରକାଶ କରି ଲେଖିଥିଲେ, 'କ୍ୟା ଭାରତ ଯୈସେ ବଡେ ଦେଶ କେଲିୟେ କୁରବାନୀ ଦେନେୱାଲୋଁ କୋ ୟହି ମିଲତା ହୈ'। ଏହା ତାଙ୍କ ଅନ୍ତରର କଷ୍ଟକୁ ବେଶ୍ ସ୍ପଷ୍ଟଭାବେ ବୟାନ କରୁଥିଲା।

**ମୋହନଲାଲ ଭାସ୍କର:** ୧୯୪୨ ମସିହାରେ ପଞ୍ଜାବର ଅବୋହରଠାରେ ମୋହନଲାଲ ଭାସ୍କରଙ୍କ ଜନ୍ମ। ତାଙ୍କ ରଚିତ ପୁସ୍ତକ 'ଆନ୍ ଇଣ୍ଡିଆନ୍ ସ୍ପାଏ ଇନ୍ ପାକିସ୍ତାନ'ରୁ ମିଳିଥିବା ତଥ୍ୟ ମୁତାବକ ପ୍ରାରମ୍ଭିକ ଜୀବନରେ ସେ ଜଣେ ମୂଲିଆ ଓ ଖବର ବିତରକଭାବେ କାମ କରିଥିଲେ। ଏତେ ଅଭାବ ଅସୁବିଧା ସତ୍ତ୍ୱେ ସେ ପାଠପଢ଼ା ଜାରି ରଖିଥିଲେ। →






ଏମ୍.ଏ. ବିଏଡ୍. ପଢ଼ା ପରେ ଶିକ୍ଷକତା କଲେ। ତା'ପରେ ସେ ସିକ୍କିମ ସରକାରଙ୍କ ଟିଚର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭାଇସ୍ ପ୍ରିନ୍ସିପାଲ ହୋଇଥିଲେ। ଏହାବାଦ୍ ୧୯୬୧ରେ ସେ 'ଧାର୍‌କା'ର ସମ୍ପାଦକ ଓ ୧୯୬୨ରେ 'ଗାଣ୍ଡିବ' ହିନ୍ଦୀ ଦୈନିକ ଖବରକାଗଜରେ ସହ ସମ୍ପାଦକଭାବେ କାମ କରିଥିଲେ। ଏହାବାଦ୍ ସେ ଜଣେ ଦେଶପ୍ରେମୀ ବି ଥିଲେ। ୧୯୬୫ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ତାଙ୍କ ଭିତରର ସେହି ଦେଶପ୍ରେମ ଭାବ ଅଧିକ ବଢ଼ିଯାଇଥିଲା। ପାକିସ୍ତାନକୁ ଲାଗି ରହିଥିବା ଗ୍ରାମରେ ଜନ୍ମ ହୋଇଥିବାରୁ ସବୁବେଳେ ତାଙ୍କ ମନରେ ପାକିସ୍ତାନକୁ ନେଇ ଜିଜ୍ଞାସା ଥିଲା। ୧୯୬୫ ମସିହାର ଏହି ଯୁଦ୍ଧ ତାଙ୍କର ସେଇ ଜିଜ୍ଞାସାକୁ ଅଧିକ ଦୃଢ଼ କରିଥିଲା। ଥରେ ସେ ଶହୀଦ୍ ଭଗତ୍ ସିଂହଙ୍କ ସମାଧି ସ୍ଥଳରେ ତାଙ୍କୁ ସମର୍ପଣ କରି ଏକ କବିତା ପାଠ କରିଥିଲେ, ଯାହା ଭିତରେ ଦେଶପ୍ରେମ ଭାବ ଭରି ରହିଥିଲା। ଏହା ସମସ୍ତଙ୍କୁ ବେଶ୍ ଭଲ ଲାଗିଥିଲା। ଏତିକିବେଳେ ଜଣେ ଅଫିସର ଆସି ତାଙ୍କୁ କହିଥିଲେ ଯେ, ଦେଶ ପାଇଁ କବିତା ଲେଖିବା ସହଜ, ହେଲେ ମରିବା କଷ୍ଟ। ଏହାର ଉତ୍ତରରେ ମୋହନଲାଲ କହିଥିଲେ, 'ସାହାବ ସୀମାରେ ଯଦି ଗୁଳି ଫୁଟେ ମତେ ଡକାଇବେ, ଦେଖିବେ ଚାରି ପାଦ ଆଗରେ ମୁଁ ଯିବି। ଆଉ ଯଦି ପଳାୟନ କରେ, ତେବେ ଗୁଳି ମାରିଦେବେ।' ଶେଷରେ ଏଇ ଦେଶପ୍ରୀତି ମନୋଭାବ ପାଇଁ ସେ ପରେ ର'ରେ ଯୋଗଦେଲେ।



ମୋହନଲାଲ ଭାସ୍କର



ଏକ ଖାସ୍ ମିଶନରେ ତାଙ୍କୁ ୧୯୬୭ରେ ପାକିସ୍ତାନ ପଠାଗଲା। ତାଙ୍କ ପୁସ୍ତକର ତଥ୍ୟ ଅନୁସାରେ ସେଠାରେ ସେ 'ମହମ୍ମଦ ଅସଲମ୍' ନାମରେ ରହିଲେ। ପାକିସ୍ତାନୀଙ୍କ ପରି ଦେଖାଯିବା ଲାଗି ସେ ନିଜର ଚେହେରା, ଚାଲିଚଳଣକୁ ପୂରା ବଦଳାଇ ଦେଇଥିଲେ। ସେଠାରେ ତାଙ୍କୁ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାର ଥିଲା। ସେ ଜୀବନକୁ ବାଜି ଲଗାଇ ଏହି କାମରେ ଲାଗିଥିଲେ। ଟାଇମ୍ସ ଅଫ ଇଣ୍ଡିଆର ଖବର ମୁତାବକ ମୋହନଲାଲ ୧୯୬୭ରେ ଭାରତୀୟ ମିଲିଟ୍ରି ଇଣ୍ଟେଲିଜେନ୍ସରେ ଯୋଗ ଦେଇଥିଲେ। ୧୯୬୮ରେ ସେ ଏକ କାଉଣ୍ଟର ଇଣ୍ଟେଲିଜେନ୍ସ ଅପରେଶନ୍‌ରେ ଜଡ଼ିତଥିଲେ। ନିଷ୍ଠାର ସହ ଗୁପ୍ତଚର କାମ ମଧ୍ୟ କରୁଥିଲେ। ଏହି ସମୟରେ ଅମରିକ ସିଂହ ନାମକ ଡବଲ ଏଜେଣ୍ଟ ତାଙ୍କ ସହ ବିଶ୍ୱାସଘାତକତା କରିଥିଲେ। ଅମରିକ ଉଭୟ ଭାରତ ଓ ପାକିସ୍ତାନ ପାଇଁ ଗୁପ୍ତଚର କାମ କରୁଥିଲେ। ତାଙ୍କ ଯୋଗୁ ମୋହନଲାଲ ଧରାପଡ଼ିଗଲେ। ଫଳରେ ଲାହୋରର କୋଟ ଲଖପତ ଜେଲରେ ସେ ୧୯୭୧ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲେ ଏବଂ ଅନେକ ଅତ୍ୟାଚାର ସହିଥିଲେ। ଜେଲରେ କଏଦୀଙ୍କୁ ଦିଆଯାଉଥିବା ନିର୍ଯାତନା ସମ୍ପର୍କରେ ସେ ନିଜ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ପାକିସ୍ତାନରେ ବନ୍ଦୀ ଥିବାବେଳେ ତାଙ୍କୁ ଭିନ୍ନ ଭିନ୍ନ ଜେଲରେ ରଖାଯାଇଥିଲା। ୧୯୭୨ରେ ଭାରତ-ପାକିସ୍ତାନ ମଧ୍ୟସ୍ଥ ସିମ୍ଲା ରାଜିନାମା ବେଳେ ପାକିସ୍ତାନରେ ବନ୍ଦୀଥିବା ଅନ୍ୟ ଭାରତୀୟଙ୍କ ସହ ମୋହନଲାଲଙ୍କୁ ବି ମୁକ୍ତ କରାଯାଇଥିଲା। ୧୯୭୪ରେ ସେ ଭାରତ ଫେରିଥିଲେ।



କଶ୍ମୀର ସିଂହ

**କଶ୍ମୀର ସିଂହ:** ଭାରତର ଆଉ ଜଣେ ଗୁପ୍ତଚର ହେଉଛନ୍ତି କଶ୍ମୀର ସିଂହ। ତେବେ ଗୁପ୍ତଚର ଭାବେ କାମ କରିବା ପୂର୍ବରୁ ସେ ଭାରତୀୟ ସେନାରେ ୧୯୬୨ରୁ ୧୯୬୬ ପର୍ଯ୍ୟନ୍ତ କାମ କରିଥିଲେ। ପରେ ମାସିକ ୪୦୦ଟଙ୍କା ବେତନରେ କଣ୍ଟ୍ରାକ୍ଟୁଆଲ ଭାବେ ଗୁପ୍ତଚର କାମ କରିବା ଆରମ୍ଭ କରିଥିଲେ। ପରେ ସେ ନିଜ ନାମ 'ମହମ୍ମଦ ଇବ୍ରାହିମ୍' କରାଇ ପାକିସ୍ତାନରେ ପ୍ରବେଶ କରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯେମିତିକି ଏଲ୍‌ଓସିରେ କେତେ ପାକିସ୍ତାନୀ ସେନା ମୁତୟନ ଅଛନ୍ତି, ସେମାନଙ୍କ ଗତିବିଧି କ'ଣ ସେ ସମ୍ପର୍କରେ ଭାରତକୁ ଜଣାଉଥିଲେ। ତା'ସହ ପାକିସ୍ତାନୀ ସେନାର ଷ୍ଟ୍ରାଟେଜିକ ଲୋକେଶନର ଫଟୋ ଉଠାଇ ମଧ୍ୟ ଭାରତକୁ ପ୍ରଦାନ କରିଥିଲେ। କିନ୍ତୁ ୧୯୭୩ରେ ପାକିସ୍ତାନୀ ଇଣ୍ଟେଲିଜେନ୍ସ ଅଫିସରଙ୍କ ଦ୍ୱାରା ସେ ଗିରଫ ହୋଇଥିଲେ। ପାକିସ୍ତାନୀ କୋର୍ଟ ପ୍ରଥମେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ପରେ ଦଣ୍ଡ କୋହଳ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜେଲଦଣ୍ଡରେ ଦଣ୍ଡିତ କରାଗଲା। ଜେଲ ରହଣିର ପ୍ରଥମ କିଛି ମାସ ତାଙ୍କୁ ଥାର୍ଡ ଡିଗ୍ରୀ ଅତ୍ୟାଚାର କରାଯାଇ ଭାରତୀୟ ଗୁପ୍ତଚର ବୋଲି ମାନିବାକୁ ବାଧ୍ୟ କରାଯାଇଥିଲା। ଏହାପରେ ତାଙ୍କୁ ଭିନ୍ନ ଭିନ୍ନ ଜେଲରେ ରଖାଯାଇଥିଲା। ଅନେକ ଅତ୍ୟାଚାର ସହି ସେ ଦୀର୍ଘ ୩୫ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଜେଲରେ ବିତାଇଥିଲେ। ଜେଲର ଚାରିକାନ୍ଥ ଭିତରେ ବର୍ଷ ବର୍ଷ ଧରି ଆକାଶ ବି ଦେଖି ପାରି ନ ଥିଲେ। ତାଙ୍କ ପରିବାର ଲୋକେ ସେ ଜୀବିତ ଥିବା ଆଶା ଛାଡ଼ିଦେଇଥିଲେ। ୧୯୮୭ ମସିହାରେ ପାକିସ୍ତାନ ସରକାର ଗୁପ୍ତଚର ସନ୍ଦେହରେ ବନ୍ଦୀ ଥିବା କେତେଜଣ ଭାରତୀୟ ବନ୍ଦୀଙ୍କୁ ଲାହୋର ଜେଲରୁ ମୁକ୍ତ କରିଥିଲା। ସେମାନଙ୍କଠାରୁ କଶ୍ମୀର ସିଂହଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ ଯେ, କଶ୍ମୀର ଜୀବିତ ଅଛନ୍ତି।

୨୦୦୮ରେ ଅନ୍‌ସାର୍ ବର୍ନି ପାକିସ୍ତାନ କ୍ୟାବିନେଟ୍‌ରେ କେୟାରଟେକର୍ ଫେଡେରାଲ ମିନିଷ୍ଟର ଫର୍ ହ୍ୟୁମାନ ରାଇଟ୍‌ସ ଥାଆନ୍ତି। ସେ ଥରେ ଲାହୋର ଜେଲ ଗସ୍ତ କଲାବେଳେ କଶ୍ମୀର ସିଂହଙ୍କୁ ଦେଖି ଚିହ୍ନିଥିଲେ। ଦୀର୍ଘ ବର୍ଷର ଜେଲଦଣ୍ଡ ଯୋଗୁ କଶ୍ମୀର ସିଂହ ମାନସିକ ବିକୃତ ହୋଇ ଯାଇଥିଲେ। ଅନ୍‌ସାର କଶ୍ମୀର ସିଂହଙ୍କୁ ହ୍ୟୁମାନିଟାରିଆନ ଗ୍ରାଉଣ୍ଡରେ ମୁକ୍ତ କରିବା ପାଇଁ ମର୍ସି ପିଟିଶନ୍ କରି କେସ୍ ଲଢ଼ିଥିଲେ। ତତ୍କାଳୀନ ରାଷ୍ଟ୍ରପତି ପରଭେଜ ମୁଶରଫ ସେହି ମର୍ସି ପିଟିଶନ ଗ୍ରହଣ କରି କଶ୍ମୀର ସିଂହଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୪ ମାର୍ଚ୍ଚ ୨୦୦୮ରେ ସେ ମୁକ୍ତ ହୋଇ ୱାଘା ବର୍ଡର ଦେଇ ଭାରତକୁ ଆସିଥିଲେ। ଏହି ସମୟରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଥିଲା। ଦୀର୍ଘ ୩୫ ବର୍ଷର ଜେଲ ରହଣି ଭିତରେ ଅନେକ ଅତ୍ୟାଚାର ସହି ବି ସେ ଭାରତର ଗୁପ୍ତଚର ବୋଲି ପାକିସ୍ତାନରେ ମାନି ନ ଥିଲେ। କିନ୍ତୁ ଭାରତକୁ ଆସିବା ପରେ ସେ ଗୁପ୍ତଚର ଥିଲେ ବୋଲି ମାନିଥିଲେ।

**ଶେହମତ ଖାନ୍:** ୨୦୧୮ରେ ଆଲିଆ ଭଟ୍ଟଙ୍କ ଅଭିନୀତ ଚଳଚ୍ଚିତ୍ର ଫିଲ୍ମ 'ରାଜି' ବେଶ୍ ପ୍ରଶଂସିତ ହୋଇଥିଲା। ଏଥିରେ ଆଲିଆ ଜଣେ ମହିଳା ଗୁପ୍ତଚର ଭୂମିକାରେ ଅଭିନୟ କରିଥିଲେ, ଯେ କି କଶ୍ମୀରର ଜଣେ ସାଧାରଣ ଝିଅ ଥିଲେ। ତେବେ ବାପାଙ୍କ ଅନୁରୋଧ କ୍ରମେ ସେ ପରବର୍ତ୍ତୀ ସମୟରେ ଭାରତ ପାଇଁ ଗୁପ୍ତଚର ପାଲଟିଥିଲେ। ଆଉ ପାକିସ୍ତାନର ଜଣେ ମିଲିଟାରି ଅଫିସରଙ୍କୁ ବିବାହ କରି ଶତ୍ରୁଙ୍କ ଗହଣରେ ରହି ସେଠାକାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭାରତକୁ ପ୍ରଦାନ କରୁଥିଲେ। ଏହି ଚଳଚ୍ଚିତ୍ରର କାହାଣୀ ସମସ୍ତଙ୍କ ମନକୁ ଛୁଇଁଥିଲା। ତେବେ ଏଇ କାହାଣୀଟି ଆଦୌ କାଳ୍ପନିକ ନ ଥିଲା। ଥିଲା ଜଣେ ଭାରତୀୟ ମହିଳା ଗୁପ୍ତଚରଙ୍କ ସତ କାହାଣୀ। ଚଳଚ୍ଚିତ୍ରଟି ହରିନ୍ଦର ସିକ୍କାଙ୍କ ନୋବେଲ 'କଲିଂ ଶେହମତ୍' ଉପରେ ଆଧାରିତ ଥିଲା। ହରିନ୍ଦର ସିକ୍କା ନିଜେ ଇଣ୍ଡିଆନ ନ୍ୟାଭିର ଜଣେ ଅଫିସର ଥିଲେ। ସେ ଯେବେ କାର୍ଗିଲ ଯୁଦ୍ଧ ଉପରେ ଗବେଷଣା କରୁଥିଲେ, ସେ ଶେହମତ୍‌ଙ୍କ ପୁଅ ସହ ଦେଖା ହୋଇଥିଲେ ଏବଂ ତାଙ୍କଠାରୁ ଶେହମତ୍‌ଙ୍କ ଗୁପ୍ତଚର ଜୀବନର କାହାଣୀ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏଇ ବାସ୍ତବିକ କାହାଣୀଟି ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ସେ ନିଜ ନୋବେଲରେ ତାକୁ ଉତାରିବାକୁ ଚେଷ୍ଟାକରିଥିଲେ। ହେଲେ ସେ ନୋବେଲରେ ଶେହମତ୍‌ଙ୍କ ପରିଚୟକୁ ଗୁପ୍ତ ରଖିଥିଲେ। ହରିନ୍ଦରଙ୍କର ଏଇ ପ୍ରୟାସ ପାଇଁ ଭାରତର ଏଇ ମହିଳା ଗୁପ୍ତଚରଙ୍କ କଥା ସମସ୍ତଙ୍କ ସାମ୍ନାକୁ ଆସିପାରିଥିଲା। ନଚେତ୍ ଅନେକ ଗୁପ୍ତଚରଙ୍କ ପରି ତାଙ୍କ ଗୁପ୍ତଚର ଜୀବନର କାହାଣୀ ତଥା ଦେଶ ପାଇଁ କରିଥିବା ତ୍ୟାଗର କଥା ବି ସବୁଦିନ ପାଇଁ ଲୁଚି ରହିଯାଇଥାନ୍ତା।

ଶେହମତ୍ ଭାରତୀୟ ଇଣ୍ଟେଲିଜେନ୍ସ ଏଜେନ୍ସି ର'ର ମହିଳା ଗୁପ୍ତଚର ଥିଲେ। ଆଉ ସେଇ ଗୁପ୍ତଚରଙ୍କ ମଧ୍ୟରେ ଜଣେ ଯେ କି ପାକିସ୍ତାନରେ ଜାସୁସୀ କରିବା ପରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୯୭୧ରେ ହୋଇଥିବା ଇଣ୍ଡୋ-ପାକ୍ ଯୁଦ୍ଧପୂର୍ବରୁ ଇଣ୍ଡିଆନ୍ ଆର୍ମିକୁ ଏମିତି ଜଣେ ଗୁପ୍ତଚରଙ୍କର ଆବଶ୍ୟକତା →



ଅଜିତ ଡୋଭାଲ



ରବୀନ୍ଦ୍ର କୌଶିକ

ଥିଲା, ଯିଏ କି ପାକିସ୍ତାନରେ ରହି ଭାରତକୁ ପାକିସ୍ତାନର ଖବର ଯୋଗାଇପାରିବ। ଶତ୍ରୁର ସବୁ କାର୍ଯ୍ୟ ଉପରେ ନଜର ରଖିବ। ଏହି କାର୍ଯ୍ୟ ପାଇଁ ଜଣେ କଶ୍ମୀରୀ ବ୍ୟବସାୟୀ ନିଜ ଝିଅ ଶେହମତ୍‌ଙ୍କୁ ଗୁପ୍ତଚର କାମ କରିବା ପାଇଁ ମନାଇଥିଲେ। ଶେହମତ୍ ସେତେବେଳେ କଲେଜରେ ପଢୁଥିଲେ। କେବେ ସ୍ୱପ୍ନରେ ବି ଭାବି ନ ଥିଲେ ସେ ଏଭଳି କାମ କରିବେ ବୋଲି। ଏମିତିକି ଜଣେ ଗୁପ୍ତଚରକୁ କ'ଣ ସବୁ କରିବାକୁ ହୁଏ, ସେ ସମ୍ପର୍କରେ ବି ସେ କିଛି ଜାଣି ନ ଥିଲେ। ତଥାପି ସେ ଦେଶ ପାଇଁ ଏତେ ବଡ଼ ବିପଦ ଉଠାଇବାକୁ ରାଜି ହୋଇଥିଲେ। ଯୋଜନା ମୁତାବକ ସେ ଜଣେ ପାକିସ୍ତାନୀ ଆର୍ମି ଅଫିସରଙ୍କୁ ବିବାହ କଲେ। ସ୍ୱାମୀଙ୍କ ଘରୁ ହିଁ ସେ ଗୁପ୍ତଭାବେ ପାକିସ୍ତାନର ଅନେକ ତଥ୍ୟ ଭାରତକୁ





ଦେଉଥିଲେ। ଆଉ ସେ ଦେଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟରୁ ଗୋଟିଏ ଥିଲା ଇଣ୍ଡିଆନ୍ ନ୍ୟାଭିର ଆଇଏନ୍ଏସ୍ ବିରାଟକୁ ନଷ୍ଟ କରିବାର ପାକିସ୍ତାନର ଯୋଜନା। ଏଭଳି ତଥ୍ୟ ପାଇ ଭାରତ ଉପରୁ ଅନେକ ବିପଦ ଏଡ଼ାଇ ଦିଆଯାଇପାରିଥିଲା ଓ ଅନେକ ଜୀବନ ବଞ୍ଚାଯାଇ ପାରିଥିଲା। ତେବେ ସେ ଯେବେ ଭାରତ ଫେରିଲେ, ପାକିସ୍ତାନୀ ସ୍ୱାମୀଙ୍କଠାରୁ ଗର୍ଭବତୀ ଥିଲେ। ପରେ ଏକ ପୁତ୍ର ସନ୍ତାନ ଜନ୍ମଦେଲେ, ଯେ କି ବଡ଼ ହୋଇ ଇଣ୍ଡିଆନ୍ ଆର୍ମିରେ ଯୋଗଦେଲେ। ହରିନ୍ଦର ସିକ୍କା ଶେହମତ୍‌ଙ୍କର ସେଇ ପୁଅଙ୍କ ସହ ଦେଖା ହୋଇଥିଲେ। ପରେ ହରିନ୍ଦର ଶେହମତ୍‌ଙ୍କୁ ବି ଦେଖା କରିଥିଲେ।

**ଅଜିତ ଡୋଭାଲ:** ଇଣ୍ଡିଆନ୍ ନ୍ୟାଶନାଲ ସିକ୍ୟୁରିଟି ଆଡ୍‌ଭାଇଜର ଭାବେ କାର୍ଯ୍ୟରତ ଅଜିତ ଡୋଭାଲ 'ଭାରତୀୟ ଜେମ୍ସ ବଣ୍ଡ' ଭାବେ ବେଶ୍ ପରିଚିତ। ଜୀବନକୁ ବାଜି ଲଗାଇ ଦେଶ ପାଇଁ ଗୋଇନ୍ଦାଗିରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଜିତ ଡୋଭାଲ ଅନ୍ୟତମ। ୨୦ ଜାନୁୟାରୀ ୧୯୪୫ରେ ଉତ୍ତରାଖଣ୍ଡର ପୌଡ଼ିଗଢ଼ୱାଲସ୍ଥ ଘିରିବନେଲସ୍ୟୁନ ଗ୍ରାମରେ ଜନ୍ମିତ ଡୋଭାଲଙ୍କ ବାପା ଇଣ୍ଡିଆନ୍ ଆର୍ମିରେ ଜଣେ ଅଫିସର ଥିଲେ। ସ୍କୁଲପଢ଼ା ସରିବାପରେ ସେ ୧୯୬୭ରେ ଆଗ୍ରା ବିଶ୍ୱବିଦ୍ୟାଳୟରେ ଇକୋନୋମିକ୍ସରେ ମାଷ୍ଟର୍ସ ଡିଗ୍ରୀ କଲେ। ଆଉ ୧୯୬୮ରେ କେରଳ କ୍ୟାଡରରୁ ଇଣ୍ଡିଆନ୍ ପୋଲିସ୍ ସର୍ଭିସ୍‌ରେ ଯୋଗ ଦେଇ କୋଟାୟାମ ଜିଲାର ଏଏସ୍‌ପି ହୋଇଥିଲେ। ଏହି ସମୟରେ ସେ ପଞ୍ଜାବ ଓ ମିଜୋରାମର ଆଣ୍ଟି ଇନସରଜେନ୍ସି ଅପରେଶନ୍‌ରେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ପୋଲିସ ରେକର୍ଡ ଅନୁଯାୟୀ ଆଇପିଏସ୍ ଅଫିସର ଡୋଭାଲ କେରଳର ଥାଲାସେରୀରେ ଅଳ୍ପ କିଛି ମାସ କାମ କରିଥିଲେ। ପରେ ସେଣ୍ଟ୍ରାଲ ସର୍ଭିସ୍‌ରେ ଯୋଗ ଦେଇଥିଲେ। ୧୯୯୯ କାନ୍ଧାରରେ ହାଇଜାକ ହୋଇଥିବା ଭାରତୀୟ ବିମାନ ଆଇସି-୮୧୪ ମୁକ୍ତ କରିବାରେ ଯେଉଁ ତିନିଜଣ ନେଗୋସିଏଟର୍ ଥିଲେ, ସେମାନଙ୍କ ଭିତରେ ଡୋଭାଲ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପରେ ସେ ଇଣ୍ଟେଲିଜେନ୍ସ ବ୍ୟୁରୋର ଡାଇରେକ୍ଟର ପଦରେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଏହି ପଦବୀରୁ ଅବସର ନେବା ପରେ ସେ ମୁସ୍‌ଲିମ ଧର୍ମ ଗ୍ରହଣ କରି ପାକିସ୍ତାନର ଲାହୋରରେ ୭ ବର୍ଷ ରହିଥିଲେ। ଏହି ସମୟରେ ସେ ସେଠାକାର ଲୋକଙ୍କ ସହ ବହୁତ ବନ୍ଧୁତା ବଢ଼ାଇଥିଲେ, ମସ୍‌ଜିଦ ଯାଉଥିଲେ। ଅଣ୍ଡରକଭର ଏଜେଣ୍ଟ ଭାବେ ପାକିସ୍ତାନର ଇଣ୍ଟେଲିଜେନ୍ସ ଏଜେନ୍ସି ଆଇଏସ୍‌ଆଇ ଉପରେ ନଜର ରଖି ସେମାନଙ୍କ ଆତଙ୍କୀ ଯୋଜନା, ହତିଆର ସମ୍ପର୍କିତ ଖବର ଓ ଅନ୍ୟାନ୍ୟ ଗତିବିଧି ସମ୍ପର୍କରେ ଭାରତକୁ ଖବର ଦେଉଥିଲେ। ଡୋଭାଲ ନିଜ ଗୁପ୍ତଚର ଜୀବନର ଏକ ଘଟଣା ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ ଯେ, ଥରେ ପାକିସ୍ତାନର ଜଣେ ସ୍ଥାନୀୟ ବାସିନ୍ଦା ତାଙ୍କ ଫୋଡ଼ାଯାଇଥିବା କାନକୁ ଦେଖି ତାଙ୍କୁ ହିନ୍ଦୁ ବୋଲି ଜାଣିପାରିଥିଲେ। ହେଲେ ଡୋଭାଲ ଦୃଢ଼ ଭାବେ ଏ କଥାକୁ ଖଣ୍ଡନ କରି ହିନ୍ଦୁ ନୁହନ୍ତି ବୋଲି କହିଥିଲେ। ତେବେ ସେହି ବ୍ୟକ୍ତି ଡୋଭାଲଙ୍କୁ ଏକ ଘରକୁ ଡାକିନେଇ କହିଥିଲେ ମୁଁ ଜାଣିପାରୁଛି ତୁମେ ହିନ୍ଦୁ। କିନ୍ତୁ ଡୋଭାଲ ଚତୁରତାର ସହ କଥାକୁ ବୁଲାଇ ଅନ୍ୟ ମୋଡ଼ ଦେଇଥିଲେ। ଏହାପରେ ସେହି ବ୍ୟକ୍ତି ଡୋଭାଲଙ୍କୁ କାନର ସେଇ କଣାକୁ ପ୍ଲାଷ୍ଟିକ ସର୍ଜରି କରାଇ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। କାରଣ ପାକିସ୍ତାନରେ ଏହା ତାଙ୍କୁ ବିପଦରେ ପକାଇପାରେ। ଆଉ ଡୋଭାଲ ତାଙ୍କ ପରାମର୍ଶ ମାନି ସର୍ଜରି କରାଇ କଣାକୁ ବନ୍ଦ କରିଦେଇଥିଲେ। ଅଜିତ ଡୋଭାଲ ଅଣ୍ଡରକଭର୍ ଏଜେଣ୍ଟର କାମ ସରିବା ପରେ ଇସ୍‌ଲାମାବାଦସ୍ଥ ଇଣ୍ଡିଆନ୍ ହାଇକମିଶନରେ କାମ କରିଥିଲେ। ପରେ ୩୦ ମେ ୨୦୧୪ରେ ଡୋଭାଲଙ୍କୁ ଭାରତର ପଞ୍ଚମ ନ୍ୟାଶନାଲ ସିକ୍ୟୁରିଟି ଆଡ୍‌ଭାଇଜର୍ ଭାବେ ନିଯୁକ୍ତ କରାଯାଇଥିଲା। ଏହାବାଦ୍ ୧୯୮୪, ଅମୃତସରର ସ୍ୱର୍ଣ୍ଣମନ୍ଦିରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣବେଳେ ବି ଡୋଭାଲ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସେ ପାକିସ୍ତାନୀ ଏଜେଣ୍ଟ ଭାବେ ମନ୍ଦିରରେ ପ୍ରବେଶ କରି ଅନେକ ଗୁପ୍ତ ତଥ୍ୟ ସଂଗ୍ରହ କରିଥିଲେ। ଫଳରେ ଭାରତୀୟ ସେନାଙ୍କୁ ଅପରେଶନ୍‌ରେ ବଡ଼ ସଫଳତା ମିଳିଥିଲା। ଏହାବାଦ୍ ୨୦୧୫ରେ ମଣିପୁରରେ ଭାରତୀୟ ସେନା ଉପରେ ହୋଇଥିବା ଆକ୍ରମଣ ପରେ ମ୍ୟାନ୍‌ମାର ସୀମାରେ ପଶି ଉଗ୍ରବାଦୀଙ୍କୁ ଶେଷ କରିବା ପାଇଁ ହୋଇଥିବା ଅପରେଶନ୍‌ରେ ସେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ୨୦୧୬ରେ ଭାରତର ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ହୋଇଥିବା ଆକ୍ରମଣ, ୨୦୧୯ ବାଲକୋଟ ଏୟାରଷ୍ଟ୍ରାଇକ୍ ଆଦିରେ ଡୋଭାଲଙ୍କର ପ୍ରମୁଖ ଭୂମିକା ଥିଲା।





କେବଳ ଏଇମାନେ ନୁହନ୍ତି, ଅନେକଙ୍କ ଭିତରେ ଏଇ କେତେଜଣଙ୍କୁ କେବଳ ଉଦାହରଣଭାବେ ନିଆଯାଇପାରେ। ଏମିତି ଅନେକ ଗୁପ୍ତଚରଙ୍କ କାହାଣୀ ଶୁଣିବାକୁ ମିଳେ ଯାହା ଯେକୌଣସି ନିଷ୍ଠୁର ଲୋକଙ୍କ ଛାତିକୁ ବି ଥରାଇଦେବ। ଏମାନଙ୍କ ପାଇଁ ନିଜ ଜୀବନ କି ନିଜ ପରିବାରର କଥା କିଛି ମାନେ ରଖେନା। କେବଳ ଗୋଟିଏ ନିଶା ଦେଶକୁ ବିପଦରୁ ରକ୍ଷା କରିବା। ଶତ୍ରୁ ହାତରେ ଧରାପଡି ଯେତେବେଳେ ନିର୍ଯାତିତ ହୁଅନ୍ତି, ହୁଏତ ନିଜ ପାଟିରୁ କାଳେ କିଛି ବାହାରିଯିବ ସେଥିପାଇଁ କେତେ ଗୁପ୍ତଚର ନିଜ ଜୀବନ ବି ନେଇଛନ୍ତି। ଦେଶ ପାଇଁ କାମ କରୁଥିବା ସୈନ୍ୟଙ୍କର ପରିଚୟ ଥାଏ। ଦେଶ ପାଇଁ ଜୀବନ ଗଲେ ସେମାନଙ୍କୁ ଶହୀଦର ମାନ୍ୟତା ବି ମିଳେ। ହେଲେ ଏମାନେ ସେମିତି ରହିଯାଆନ୍ତି ସମସ୍ତଙ୍କ ଆଢୁଆଳରେ ପରିଚୟ ବିହୀନ ହୋଇ।


**–ଶିବାନୀ ମହାନ୍ତି**


# ଚିତ୍ରରେ ଚିତ୍ରରେ ନାରୀ

ଚିତ୍ରକର କେବଳ ଚିତ୍ର କରେ ନାହିଁ। ଚିତ୍ର ମାଧ୍ୟମରେ ସମାଜକୁ ସଚେତନ କରିଥାଏ। ସେମିତି ଜଣେ ଚିତ୍ରଶିଳ୍ପୀ ଯେ କି ତାଙ୍କ ଚିତ୍ରରେ ନାରୀଙ୍କୁ ପ୍ରାଧାନ୍ୟ ଦେଇ ହିଁ ସବୁ ଚିତ୍ର କରିଥାନ୍ତି। ତାଙ୍କ ଦ୍ୱାରା ଅଙ୍କିତ ଚିତ୍ର ରାଜ୍ୟରୁ ଆରମ୍ଭକରି ଦେଶ ବିଦେଶର ଅନେକ ସ୍ଥାନରେ ପ୍ରଦର୍ଶନ କରାଯାଇଛି। ଏଥିପାଇଁ ଓଡ଼ିଶା ଲଳିତକଳା ଏକାଡେମୀ ସମେତ ଅନେକ ସଂସ୍ଥାରୁ ତାଙ୍କୁ ମିଳିଛି ବହୁ ପୁରସ୍କାର ଓ ସମ୍ମାନ। ସେ ହେଲେ ଅସିତ୍ ପଟ୍ଟନାୟକ, ଜନ୍ମ- ୨୪।୪।୧୯୬୮। ପିତା ଭାଗବତ ପ୍ରସାଦ ପଟ୍ଟନାୟକ, ମା' ବିଷ୍ଣୁପ୍ରିୟା ପଟ୍ଟନାୟକ। ଘର ଗଞ୍ଜାମ ଜିଲାର ବ୍ରହ୍ମପୁରରେ। ଅସିତ୍ କୁହନ୍ତି- ମୋ' ବାପା କଟକରେ ଚାକିରି କରୁଥିଲେ। ସେଥିପାଇଁ କଟକ ଯୋବ୍ରା ଅଞ୍ଚଳରେ ରହୁଥିଲୁ। ପର୍ବପର୍ବାଣି ସମୟରେ ସ୍କୁଲକୁ ଯିବା ବାଟରେ କେତେକ ସ୍ଥାନରେ ମେଢ଼ ଓ ମୂର୍ତ୍ତି ତିଆରି ହେଉଥିବାର ଦେଖୁଥିଲି। ସେଠାରେ କିଛି ସମୟ ଅଟକି ଯାଉଥିଲି। ସେହି ସମୟରେ ମୋ ମନରେ ସେହିଭଳି ମୂର୍ତ୍ତି ଗଢ଼ିବା ପାଇଁ ଆଗ୍ରହ ଆସିଲା। ମୂର୍ତ୍ତି ତିଆରି ସ୍ଥାନରୁ ଅଳ୍ପମାଟି ମାଗି ଆଣୁଥିଲି। ବେଳେବେଳେ ସେଠାରୁ କାରିଗରଙ୍କ ଅନୁପସ୍ଥିତିରେ ଚକଟାମାଟିକୁ ଲୁଚାଇଆଣି ଘରେ ମୂର୍ତ୍ତି ଗଢୁଥିଲି। ସେହି ମୂର୍ତ୍ତିଗୁଡ଼ିକରେ ରଙ୍ଗ ଦେଇ ସାଇତି ରଖୁଥିଲି। ବାପା ସେସବୁକୁ ଦେଖି ବେଶି ଖୁସି ହେଉଥିଲେ। ଯେବେ ଘରକୁ କେହି ବନ୍ଧୁ ଆସୁଥିଲେ, ସେମାନଙ୍କୁ ମୂର୍ତ୍ତିଗୁଡ଼ିକୁ ଦେଖାଉଥିଲେ। ଏଥିରେ ମୋତେ ବହୁତ ଖୁସି ଲାଗୁଥିଲା। ଆଉ ଗୋଟେ କଥା ହେଲା, ସେତେବେଳେ ମୁଁ ଏତେ ଭଲ ପଢୁ ନଥିଲି। ଏଥିଯୋଗୁ ମୋ ବୋଉ କହୁଥିଲା ଯାହା ଭଲ ହେଉଛି ସେହି କାମ କର। ତେଣୁ ମୋର ମୂର୍ତ୍ତି ତିଆରି ଓ ଚିତ୍ର ଅଙ୍କନ ଜାରି ରହିଲା। ସ୍କୁଲରୁ ଏଥିପାଇଁ ବହୁତ ଥର ପୁରସ୍କୃତ ହୋଇଛି। ସମୟକ୍ରମେ ରାଜ୍ୟର ବିଭିନ୍ନ ସ୍ଥାନରେ ଚିତ୍ରକଳା ପ୍ରଦର୍ଶନରେ ଯୋଗ ଦେଲି। ଏହା ପରେ ପରେ ବାପାଙ୍କ ଦେହାନ୍ତ ହୁଏ। ପରିବାରର ଆର୍ଥିକ ସମସ୍ୟା କ୍ରମେ ଜଟିଳ ହୋଇପଡ଼ିଲା। ଏମିତି ପରିସ୍ଥିତିରେ କଟକରୁ ଗାଁକୁ ଫେରି ଆସିଲୁ। ତା'ପରେ ୧୯୯୫ରେ ଖଲ୍ଲିକୋଟ ଆର୍ଟ କଲେଜରେ ନାମ ଲେଖାଇଲି। ଏଠାରୁ ବିଧିବଦ୍ଧଭାବେ ଆର୍ଟ ତାଲିମ କାର୍ଯ୍ୟ ଆରମ୍ଭ ହେଲା। ଏହାପରେ ନ୍ୟାଶନାଲ କଲ୍‌ଚରାଲ ସ୍କଲାରଶିପ ପାଇଲି। ଏହାସହ ବନାରସରେ ଦୁର୍ଗା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କଲି। ଏହାପରେ ଫାଇନ୍ ଆର୍ଟରେ ସ୍ନାତକୋତ୍ତର ପାଇଁ ସିଟ୍ ମିଳିଲା। ଡ. ଆର.ଏ.ଏସ୍.ଧୀରଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରି ପେଣ୍ଟିଂରେ ମାଷ୍ଟର ଡିଗ୍ରୀ ହାସଲ କଲି। କିନ୍ତୁ ମୋ ପ୍ରତ୍ୟେକ ପେଣ୍ଟିଂରେ ମୁଁ ନାରୀଙ୍କୁ ପ୍ରାଧାନ୍ୟ ଦିଏ। ନାରୀର କେଶକୁ ନାଲି ରଙ୍ଗ କରିଥାଏ। ଯାହା ଶକ୍ତି ଓ ତେଜସ୍ୱୀର ପ୍ରତିକ। ଏହାପଛର କାହାଣୀ ହେଲା, ଯେତେବେଳେ ବନାରସରେ ପଢୁଥିଲି ବନାରସଘାଟସ୍ଥିତ ଗଙ୍ଗାରେ ନାରୀ ପୁରୁଷ ଗାଧୋଉଥିଲେ, ପାଣିରେ ବୁଡ଼ିବା ବେଳେ ସିନ୍ଦୂର ଧୋଇ ହୋଇ ସେମାନଙ୍କ ଦେହ ଏବଂ ଚୁଟି ଲାଲବର୍ଣ୍ଣ ହୋଇଯାଉଥିଲା। ଏମିତି ଦୃଶ୍ୟକୁ ଦେଖିଲା ପରେ ଏପରି ଚିତ୍ରର ଚିନ୍ତା ମନକୁ ଆସିଥିଲା। ନାରୀ ଓ ପୁରୁଷ ସମ୍ବନ୍ଧ ନେଇ ନାରୀଙ୍କୁ ପ୍ରାଧାନ୍ୟ ଦେଇ ପେଣ୍ଟିଂ କଲି। ପେଣ୍ଟିଂରେ ଗୋଟିଏ ସବ୍‌ଜେକ୍ଟକୁ ନେଇ ଏକ ସିରିଜ୍ କରୁଛି। ଏଇ ସିରିଜ୍ ଛଡ଼ା ଲ୍ୟାଣ୍ଡସ୍କେପ୍, ଆବ୍‌ଷ୍ଟ୍ରାକ୍ଟ ଆର୍ଟ ଶୈଳୀରେ କାମ କରୁଥାଏ। ଏହା ବହୁତ ଲୋକପ୍ରିୟ ହୋଇଛି। ଏହାବାଦ୍ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ଦେଇ ସଫଳତା ପାଇବାରୁ ପ୍ରଥମେ ଧାନବାଦରେ ନିଯୁକ୍ତି ପାଇଥିଲି। ଯାହାକି ବର୍ତ୍ତମାନ ଝାଡ଼ଖଣ୍ଡରେ ଅଛି। ଇଣ୍ଡିଆ ହେରିଟେଜ୍ ସେଣ୍ଟରରେ ମୋର ବିଭିନ୍ନ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଦିଲ୍ଲୀର ଚାଓ୍ୱଲା ଗ୍ୟାଲେରିରେ ଚିତ୍ର ପ୍ରଦର୍ଶନ ପାଇଁ ଅନେକ ପ୍ରଶଂସା ମିଳିଥିଲା। ତେବେ ନୂଆଦିଲ୍ଲୀ ଚାଓ୍ୱଲା ଆର୍ଟ ଗ୍ୟାଲେରି, କ୍ରିଏସନ୍ ଆର୍ଟ ଗ୍ୟାଲେରି, ମୁମ୍ବାଇ, ଜାହାଙ୍ଗୀର ଆର୍ଟ ଗ୍ୟାଲେରି ଆଦି ସ୍ଥାନରେ ଅନେକ ପେଣ୍ଟିଂ ପ୍ରଦର୍ଶନ ହୋଇପାରିଛି। ଦୁବାଇ, ସିଙ୍ଗାପୁର ଆଦି ପ୍ରାୟ ୨୦ଟି ରାଷ୍ଟ୍ରରେ ପେଣ୍ଟିଂ ଓ୍ୱାର୍କଶପ୍ ସହ ଚିତ୍ରକଳା ଶିବିରରେ ଯୋଗ ଦେଇସାରିଛି। ସେହିପରି ୨୦୦୩ରେ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀରେ ମୋ' ଦ୍ୱାରା ହୋଇଥିବା ପେଣ୍ଟିଂଗୁଡ଼ିକ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଥିଲା। ଯେଉଁଦିନ ନ୍ୟୁୟର୍କ ସୋଲୋ ଶୋ ଏବଂ ଲଣ୍ଡନରେ ସୋଲୋ ଶୋ ହୋଇଥିଲା, ଏହାର ସ୍ମୃତି ସବୁଦିନ ମନେରହିବ। ବିଭିନ୍ନ ସମୟରେ ଦୁବାଇ ଏବଂ ଇଟାଲିରେ ଆୟୋଜିତ ଚିତ୍ରକଳା କ୍ୟାମ୍ପରେ ଯୋଗ ଦେଇ ଆସୁଛି। ଚିତ୍ର ପାଇଁ ଅନେକ ପୁରସ୍କାର ଆଉ ସମ୍ମାନର ଅଧିକାରୀ ମୁଁ ହୋଇଛି। ଯାହା ମଧ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀରୁ ୧୯୯୫ରେ ପୁରସ୍କୃତ ହୋଇଛି। ସେହିପରି ଡିପାର୍ଟମେଣ୍ଟ ଅଫ୍ କଲ୍‌ଚର, ନିଉଦିଲ୍ଲୀରୁ କ୍ରାଫ୍ଟ ଆଣ୍ଡ ସୋସାଇଟିରୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ ହୋଇଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍‌ଏଫ୍‌ଏ ପେଣ୍ଟିଂରେ ଗୋଲ୍‌ଡ ମେଡାଲ, ଜାତୀୟ ୟୁଥ ଫେଷ୍ଟିଭାଲରୁ ଗୋଲ୍ଡମେଡାଲ, ଇଷ୍ଟଜୋନ୍ ୟୁଥ୍ ଫେଷ୍ଟିଭାଲରୁ ସିଲ୍‌ଭର ମେଡାଲ, ରାଜ୍ୟସ୍ତରୀୟ ଫାଇନ ଆର୍ଟ, ମିନିଷ୍ଟ୍ରି ଅଫ୍ ହ୍ୟୁମ୍ୟାନ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ, ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଜୁନିୟର ଫେଲୋଶିପ୍, ପଞ୍ଚ ରତ୍ନ ଡ. ଇନ୍ଦ୍ରଜିତ ସିଂହ ସମ୍ମାନ ଚଣ୍ଡିଗଡ଼, କ୍ରିଟିକ ଚଏସ୍ ସମ୍ମାନ ଓ୍ୱାଲ୍ଡ ଇନ୍‌ଭରସିଟି ଜିଡାଇନ-୨୦୨୨ , ଶାନ୍ତି ନିକେତନ, ମଦୁରାଇର ଶିକ୍ଷାନୁଷ୍ଠାନରୁ ମଧ୍ୟ ପୁରସ୍କାର ମିଳିସାରିଛି।

୧୯୯୯ ମସିହାଠାରୁ ମୁଁ ଦିଲ୍ଲୀରେ ଏକା ରହୁଛି। ପରିବାରରେ ମୋର ଏକ ମାତ୍ର ଝିଅ ଐଶ୍ୱର୍ଯ୍ୟା ଏବଂ ପତ୍ନୀ ସହିତ ରହୁଛି। ତେବେ ମୋ ମତରେ ଏତିକି କହିବି, ସୃଷ୍ଟି ପାଇଁ ନାରୀର ଭୂମିକା ଅତୁଳନୀୟ। ଏହି କଥାକୁ ମୁଁ କଳାରେ ପରିପ୍ରକାଶ କରିବାର ପ୍ରୟାସ କରିଛି।

**- ବନବିହାରୀ ବେହେରା**
















# କୂଅ

**–ନାରାୟଣ ସାହୁ**

କେବେ ଯଦି ସମୟ ମିଳିବ
ଆସିବ,
ମୋ ଏକ୍ଲାପଣର ଅନ୍ଧାର କୂଅ ଭିତରେ ଯାଇ ଦେଖିବ
ବେଙ୍ଗ ମାନଙ୍କ ରଡ଼ି ଭଳି ମୋ ଚିତ୍କାର
ଯାହା ଆରମ୍ଭ ହୋଇ ଉଭେଇଯାଏ ସ୍ୱତଃ ,
ଓ ଯେଉଁ ଶବ୍ଦ ବାହାରି ଆସେ ଅଧବାଟକୁ
ସେତକ ହିଁ ମୋ ଉକ୍ତି ,ମୋ ଆରତ
ତୁମ ସାମ୍ନାରେ ।

ଦେଖିବ, ଗୋଳି ପାଣିରେ ଭାସୁଥିବା କିଛି ସର୍ପ ଭଳି
ମୋ କ୍ରୋଧ
ଯିଏ ଦଂଶନ ପାଇଁ ପ୍ରତିଥର ଟେକି ଥାଏ ଫଣା !
ଚିନ୍ତା କରନି
ପ୍ରତିଥର ତୁମେ ହିଁ ଜିତିବ ମୋ କ୍ରୋଧର ଦଂଶନେ ।

ନିଶ୍ଚିତରେ ଆସିବ, ଦେଖିବ
କୂଅର ଶିଉଳିଲଗା କାନ୍ଥ ଭଳି ମୋ ମନ
ଯିଏ ବିଶ୍ୱାସ କରି ପାଣିକୁ
ସମର୍ପି ଦିଏ ତା ଜୀବନ,
ସେ ମନକୁ ଛୁଇଁବାକୁ ସାହସ କରିବନି
ସେ ମନର କାନ୍ଥରେ ସହସ୍ର ଶିଉଳି
ଖସି ପାରେ ଗୋଡ଼ !

ଦେଖିବ ବି,
ଦୁଇ ଦଶନ୍ଧିରୁ ଖସି ପଡ଼ିଥିବା ପ୍ଲାଷ୍ଟିକ ଭଳି
ମୋ ଦୁଃଖ,
ଯିଏ ମିଶି ପାରେନା ମାଟିରେ
ପରନ୍ତୁ ସମୟ କ୍ରମେ ବଢାଉ ଥାଏ କ୍ଷତ ।
ସେ କ୍ଷତ ଦେଖି ଆହା..ପଦେବି କହିବନି କଦାଚିତ୍
ସେ ଆହା 'ପଦ'ଟିରେ ମୋର ଭାରି ଦୁର୍ବଳତା
କାନ୍ଦ ଲାଗେ ବେଶୀ !

ହଁ ,ଆସିଲା ବେଳେ ଦୀପଟିଏ ଧରି ଆସିବ,
କୂଅ ବାହାରେ ଥାଇ ଦେଖିବନି ମୋତେ
ନହେଲେ ନିଜ ପ୍ରତିବିମ୍ବକୁ ଦେଖି
ହରେଇବ ମୋତେ ।

*–ନୂଆସୁଙ୍ଗୁଡା, ଚଣ୍ଡିଖୋଲ, ଯାଜପୁର*
*ମୋ:୭୬୦୮୦୧୪୦୬୧*

# ପ୍ରେମ

**–ଲକ୍ଷ୍ମଣ କୁମାର**

ଶାମୁକା ପଚାରିଲା ସମୁଦ୍ରକୁ ମୁଁ କାହିଁକି ତମକୁ ଏତେ ଭଲପାଏ ଜାଣିଚ ?

କାହିଁକି ? ସମୁଦ୍ର ଅଳସ ଭାଙ୍ଗି କହିଲା ।

ତମର ଏଇ ଗୀତ ପାଇଁ । ମୁଁ କାନପାତି ତୁମ ନିରବଧି ସଙ୍ଗୀତ ଶୁଣୁଥାଏ ଓ ତୁମ ଗୀତ ଶୁଣିଲେ ମୁଁ ସବୁ ଦୁଃଖ ଭୁଲିଯାଏ । ଜୀବନରେ ମୁଁ ଆଉ ଅଧିକ କିଛି ଲୋଡିନି ସମୁଦ୍ର । ତୁମ ମୃଦୁ ସ୍ପର୍ଶ, ମଧୁର ସଙ୍ଗୀତଭରା ମୁଠାଏ ପ୍ରେମ ମୋ ପାଇଁ ସ୍ୱର୍ଗ ।

ପାଗଳୀ ! ଶାମୁକାର ଓଠକୁ ଟିକେ ଛୁଇଁଦେଲା ସମୁଦ୍ର ।

ମୋ ନାଆଁ ଧରି ମୋତେ ଥରେ ଡାକନା... ଶାମୁକା ଅନୁନୟ ହେଲା ତ ସମୁଦ୍ର ଜୋରରେ ଡାକିଲା– ଶାମୁକା... ।

ସେ ଡାକରେ ଛଲକି ଗଲା ତରଙ୍ଗ ସବୁ ଦିଗବିଦିଗ । ସୂର୍ଯ୍ୟାସ୍ତର ଆକାଶରେ ରଙ୍ଗର ରୋଶଣିମାଳା ବିକ୍ଷୁବ୍ଧ ହୋଇ ଉଠିଲା ଅକସ୍ମାତ ।

ସମୁଦ୍ର କୋଳେଇ ନେଲା ଶାମୁକାକୁ ତା'ର ପ୍ରଶସ୍ତ ବକ୍ଷରେ ଓ ସରୁ ଚୁମାଟିଏ ଆଙ୍କିଦେଲା ତା'କପାଳରେ ।

ଫୁଲର ପାଖୁଡା ପରି ମୁକୁଳି ଯାଉଥିଲା ଶାମୁକା କ୍ରମଶଃ... ।

ଏଇ ... ତୁମ ଭିତରେ କେଉଁଠି ମୁକ୍ତା ଅଛି ପରା ? ସମୁଦ୍ର ଫିସ୍ ଫିସ୍ ସ୍ୱରରେ ପଚାରିଲା ।

ମୁଁ ଜାଣିନି... ତୁମେ ଖୋଜିନିଅ । କହିଲା ଶାମୁକା ।

ସେଇ ନୀରବ ସନ୍ଧ୍ୟାରେ ଗୋଟେ ପେଙ୍ଗୁଇନ ପକ୍ଷୀ ତା' ସାଥୀକୁ ଚୁମ୍ବନ କରୁଥିଲା । ସାଥୀ ପେଙ୍ଗୁଇନ କହୁଥିଲା, ମୋ ପାଇଁ ତମେ ସମୁଦ୍ରର ନୀଳପଦ୍ମ ଆଣି ଦେଇପାରିବ ?

ଅଲବତ୍ ଆଣିଦେବି ପ୍ରିୟତମା... ପ୍ରେମିକ ପେଙ୍ଗୁଇନ କହୁଥିଲା ଭାରି ଆବେଗରେ ।

ଏଇ ସମୁଦ୍ର ଭିତରେ ନୀଳପଦ୍ମ କେଉଁଠି ଫୁଟେ ତୁମେ ଜାଣିଚ ?

ମୁଁ ଜାଣିନି... ମୁଁ କିନ୍ତୁ ଖୋଜିବି । ଯଦି ନ ପାଇବି, ଖାସ ତମ ପାଇଁ ନୀଳପଦ୍ମଟି ଫୁଟେଇବାକୁ ମୁଁ କହିବି ସମୁଦ୍ରକୁ । ପ୍ରତିବଦଳରେ ଯା' କିଛି ଦେବାକୁ ପଡ଼େ, ମୁଁ ପ୍ରସ୍ତୁତ ସେ ପାଇଁ ।

ସମୁଦ୍ର କୂଳରେ ପାଖାପାଖି ବସିଥିଲେ ତରୁଣଟିଏ, ତରୁଣୀଟିଏ । ଦୁହେଁ କାନ୍ଦୁଥିଲେ । ସେମାନେ ଶୁଣିପାରୁ ନ ଥିଲେ ଶାମୁକା ଓ ସମୁଦ୍ରର କଥା । ମାତ୍ର ଶାମୁକା ଓ ସମୁଦ୍ର ଏବଂ ସେଇ ପେଙ୍ଗୁଇନ ପକ୍ଷୀ ଯୁଗଳ ବିଚଳିତ ହୋଇ ଉଠୁଥିଲେ ସେମାନଙ୍କ ଅଶ୍ରୁପାତରେ ।

ତରୁଣଟି ଶିକ୍ଷା ସମାପ୍ତ କରିଥିଲା ଓ ରୋଜଗାରକ୍ଷମ ହୋଇପାରି ନ ଥିଲା । ତରୁଣୀଟିର ବାହାଘର ନିର୍ଦ୍ଦିଷ୍ଟ କରିଦେଇଥିଲେ ତା' ପରିବାର ଲୋକେ ଅନ୍ୟତ୍ର ।

ଝିଅଟି କହୁଥିଲା ଚାଲ ଆମେ କୁଆଡେ ପଳେଇଯିବା... ।

କୁଆଡେ ! ତରୁଣଟି ପଚାରୁଥିଲା ।

ମୁଁ ଜାଣିନି ।

ମୋର ତ ଉପାର୍ଜନ ନାହିଁ । ଆମେ କେମିତି ଚଳିବା ? କ'ଣ ଖାଇବା ? କେଉଁଠି ରହିବା ?

କୁଆଡେ ଗଲା ଆମ ସ୍ୱପ୍ନର ନୀଳପଦ୍ମର ଘର ? ଝିଅଟି କହୁଥିଲା

ଇସ୍... ଏମାନେ କେତେ ଅସହାୟ । ଶାମୁକା କହୁଥିଲା ସମୁଦ୍ରକୁ ।

ମଣିଷମାନଙ୍କ ପ୍ରେମରେ କେତେ ପ୍ରତିବନ୍ଧକ । ପେଙ୍ଗୁଇନ ପକ୍ଷୀ କହୁଥିଲା ତା' ସାଥୀକୁ ।

ଆମେ ଯୋଡ଼ିଏ ପେଙ୍ଗୁଇନ ପକ୍ଷୀ ହୋଇଯାଆନ୍ତେନି... ।

ଝିଅଟି କହିଲା ଲୁହଭିଜା ଆଖିରେ ଅନାଇ ।

ଓଃ... ପ୍ରେମରେ କେତେ ଦୁଃଖ... । ଦୀର୍ଘଶ୍ୱାସ ଛାଡି କହିଲା ତରୁଣଟି ।

ଆମର ପ୍ରେମ ଯଦି ସତ ହୋଇଥାଏ, ତା'ହେଲେ ଆମେ ଦୁହେଁ ନିଶ୍ଚୟ ପରସ୍ପରକୁ ପାଇବା –ମର୍ତ୍ତ୍ୟରେ ନ ହେଲେ ବି ସ୍ୱର୍ଗରେ । ତରୁଣୀଟି କହିଲା କାନ୍ଦି କାନ୍ଦି ଓ ତରୁଣଟିର ଛାତି ଉପରେ ତା'ର କଇଁଫୁଲ ପରି ମୁହଁଟିକୁ ଗୁଞ୍ଜିଦେଲା ।

ସେହି ନୀରବ ସଞ୍ଜରେ ପ୍ରେମର ଏହି ଦୃଶ୍ୟ ସବୁକୁ ଦେଖୁଥିଲେ ଆକାଶର ନକ୍ଷତ୍ରମାନେ ।

*–ଦିଗ୍‌ବଳୟ, ଲେଣ୍ଡା, ବରପାଲି, ବରଗଡ଼*
*ମୋ: ୯୪୩୯୦୪୦୯୩୭*

# ଆପେକ୍ଷିକ

**–ମନୋଜ ପରିଡ଼ା**

ଏଇମିତି ବେଳ ବୁଡ଼େ
ପୁଣି ସୁରୁଜ ଉଏଁ
ଦୀର୍ଘଶ୍ୱାସ ସବୁ ଅଙ୍କାବଙ୍କା ହୋଇ
ଲମ୍ବି ଯାଆନ୍ତି
ଅନ୍ତିମ ଦିଗବଳୟ ଆଡେ ।


ଗୋଟେ ହାଲ୍କା ଜୀବନ
ଆଉ ହାଲ୍କା ମରଣ
ତାରି ଭିତରେ ଇଏ ଗୋଟିଏ
କରୁଣ ଝିଲମିଲ ନୀରବତା ।

କିଏ କାହାର ହୁଅନ୍ତିନି
ବୋଧେ ନିଜର ବି ।

ଛାଇ ଛୋଟ ହୁଏ ପୁଣି ବଢେ ।

ଆୟୁଷ ତରଳି ଯାଉଥାଏ
ତୁମେ ମୋର ହେଉ ନଥାଅ
କି ମୋର ନହୋଇ ବି ଥାଅ
ଲମ୍ବି ଯାଉଥିବା ନିଶ୍ୱାସ ସବୁ
ମିଳାଇ ଯାଉଥାନ୍ତି
ଆଉ ମୁଁ ମୁଁ ବି ହୋଇ ନଥାଏ ।

*–ଇଂରାଜୀ ବିଭାଗ, ଉତ୍କଳ ମଣି*
*ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ*
*ମୋ:୯୪୩୯୨୨୯୭୨୫*





# ହାତକଡି


**ସା**ଧାରଣତଃ ଚୋର କିମ୍ବା ଆଣ୍ଟି ସୋସିଆଲଙ୍କୁ ବାନ୍ଧିବା ପାଇଁ ହାତକଡିର ଆବଶ୍ୟକତା ପଡିଥାଏ। ତେବେ ପ୍ରେମୀଯୁଗଳଙ୍କ ହାତରେ ଯଦି ହାତକଡି ପଡେ ତା'ହେଲେ କ'ଣ ହୁଏ ସେହିଭଳି ବିଷୟବସ୍ତୁକୁ ନେଇ ଏକ ଓଡ଼ିଆ ସିନେମା ନିର୍ମିତ ହୋଇଛି। ଏହାର ଟାଇଟଲ ରହିଛି 'ହାତକଡି'। ଆର.ଆର. ଇଭେଣ୍ଟସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ଚିତ୍ରଟିର


ଜ୍ୟୋତି

ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର ପୋଷ୍ଟ ପ୍ରଡକ୍ସନ କାମ ଏବେ ଚାଲୁ ରହିଛି। ଉକ୍ତ ସିନେମାର ସଂଳାପ ରଚନା କରିଛନ୍ତି ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ନେଇ ରଜନୀ କହନ୍ତି, 'ମୁଁ ସବୁବେଳେ ଭିନ୍ନ ଭିନ୍ନ କାହାଣୀକୁ ଆଧାର କରି ସଂଳାପ ରଚନା କରିଥାଏ। ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ଏଥିରେ ଲଭ୍, ଇମୋଶନ, ଟ୍ରାଜେଡି, କମେଡିର ତଡକା ଦର୍ଶକ ପାଇପାରିବେ।' 'ହାତକଡି'ର ମୁଖ୍ୟ ଭୂମିକାରେ ଜ୍ୟୋତି ନାୟକ ଅଭିନୟ କରିଛନ୍ତି। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ସୁପ୍ରିୟା। ଏମାନଙ୍କ ବ୍ୟତୀତ ପିଣ୍ଟୁ ନନ୍ଦ, ଅଶୋକ ଦାସ, ପ୍ରଜ୍ଞା, ଶଙ୍କର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଆର. ଭଗତ ସିଂ।

# କାରଣ ଖୋଜୁଛନ୍ତି ଅନନ୍ୟା

'**ଲା**ଇଗର' ବକ୍ସ ଅଫିସରେ ଫ୍ଲପ୍ ହେବା ପରେ ଅନନ୍ୟା ପାଣ୍ଡେଙ୍କ ଟେନ୍‌ସନ ବଢ଼ିଯାଇଛି। ବୁଡି ଯାଉଥିବା ଲୋକର କୁଟାଖିଅ ଭରସା ପରି ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଥିଲେ ଚଙ୍କି ତନୟା। ଅନ୍ୟତମ ଲୋକପ୍ରିୟ ଅଭିନେତା ବିଜୟ ଦେବରକୋଣ୍ଡା କାଷ୍ଟିଂରେ ଥାଇ ମଧ୍ୟ ଫିଲ୍ମଟି ଦର୍ଶକମାନଙ୍କୁ ପ୍ରଭାବିତ କରିବାରେ ବିଫଳ ହୋଇଛି। ଏହି ଚିତ୍ରଟି କେବଳ ହିନ୍ଦୀ ନୁହେଁ, ତାମିଲ, ମାଲୟାଲମ, କନ୍ନଡ ଭାଷାରେ ପ୍ରସ୍ତୁତ ହୋଇଥିଲା। ଏ ବିଷୟରେ ଅନନ୍ୟା କହନ୍ତି, 'ଫିଲ୍ମଟିର କାହାଣୀ, ଉପସ୍ଥାପନା କୌଣସି ଗୁଣରେ କମ୍ ନ ଥିଲା। ହେଲେ ଦର୍ଶକ ଏହାକୁ ଗ୍ରହଣ ନ କରିବାର କାରଣ କ'ଣ ତାହା ମୁଁ ଜାଣିପାରୁନାହିଁ। ଏହି ଫିଲ୍ମଟିର ସଫଳତାକୁ ନେଇ ମୁଁ ବେଶ୍ ଆଶା ବାନ୍ଧିଥିଲି। ହେଲେ ସବୁକିଛି ଦିବାସ୍ୱପ୍ନ ପରି ମିଳାଇ ଗଲା। ତଥାପି ମୁଁ ଆଶା ରଖିଛି, ଆଗକୁ ରିଲିଜ ହେବାକୁ ଯାଉଥିବା ମୋ ଫିଲ୍ମଗୁଡିକ ଦର୍ଶକଙ୍କୁ ପ୍ରଭାବିତ କରିବ। ସେମାନଙ୍କ ମତକୁ ମୁଁ ସବୁବେଳେ ଗ୍ରହଣ କରିଥାଏ। ମୋ କ୍ୟାରିୟରକୁ ଆଗେଇ ନେବାରେ ପାପା (ଚଙ୍କି ପାଣ୍ଡେ)ଙ୍କ ଭୂମିକା ରହିଛି। ସେ ସବୁବେଳେ ମୋ ପଛରେ ଛାଇ ପରି ଠିଆ ହୋଇଥାଆନ୍ତି।'


ନାଗା ଚୈତନ୍ୟ

# ବାର୍ଥ ଡେ' ଗିଫ୍ଟ

**ତେ**ଲୁଗୁ ଷ୍ଟାର ନାଗା ଚୈତନ୍ୟଙ୍କ ଖୁସି କହିଲେ ନ ସରେ। କାରଣ ଠିକ୍ ତାଙ୍କର ଜନ୍ମଦିନରେ ସେ ଅଭିନୟ କରିବାକୁ ଯାଉଥିବା ଏକ ଫିଲ୍ମର ଟାଇଟଲ ଘୋଷଣା କରାଯାଇଛି। ଏହି ତେଲୁଗୁ ଫିଲ୍ମର ଟାଇଟଲ ରହିଛି 'କଷ୍ଟଡି'। ଠିକ୍ ତାଙ୍କର ଜନ୍ମଦିନରେ ଏହାର ନିର୍ଦ୍ଦେଶକ ଭେଙ୍କଟ ପ୍ରଭୁ ଏକ ପାର୍ଟିର ଆୟୋଜନ କରିଥିଲେ। ପାର୍ଟି ଭିତରେ ତାଙ୍କର ଏକ ସରପ୍ରାଇଜ ଘୋଷଣା ସେଠାରେ ଉପସ୍ଥିତ ସମସ୍ତ ଗେଷ୍ଟ ଏବଂ ଖୋଦ୍ ନାଗା ଚୈତନ୍ୟଙ୍କୁ ଚକିତ କରିଦେଇଥିଲା। ଏ ନେଇ ସେ କହନ୍ତି, 'ଏତେଶୀଘ୍ର ଯେ ଏହି ଫିଲ୍ମର ଟାଇଟଲ ଫାଇନାଲ ହେବ ତାହା ମୁଁ ବିଶ୍ୱାସ କରିପାରୁନି। କାରଣ ଏ ନେଇ ଆଉ କିଛି ଦିନ ଲେଟ୍ ହେବ ବୋଲି ନିର୍ଦ୍ଦେଶକ ମୋତେ କହିଥିଲେ। ହେଲେ ମୋ ବାର୍ଥ ଡେ' ପାର୍ଟିରେ ସେ ଏକ ଘୋଷଣା କରିବାକୁ ମୋ ଅନୁମତି ମାଗିଥିଲେ। ଆଉ ତା' ପରେ ଯାହା ହେଲା ତାହା ମୁଁ ବିଶ୍ୱାସ କରିପାରି ନ ଥିଲି। ତାଙ୍କ ନିର୍ଦ୍ଦେଶନାରେ ମୁଁ ଅଭିନୟ କରିବାକୁ ଯାଉଥିବା ଏକ ତେଲୁଗୁ ଫିଲ୍ମର ଟାଇଟଲ ସେ ପାର୍ଟିରେ ଡିକ୍ଲାର କରିଥିଲେ।' ଭେଙ୍କଟ ପ୍ରଭୁ ଏହାର ପ୍ରଯୋଜନା ମଧ୍ୟ କରିଛନ୍ତି। ଏଥିରେ ନାଗାଙ୍କ ନାୟିକା ସାଜିବେ କିର୍ତ୍ତି ରେଡ୍ଡି। ଅରବିନ୍ଦ ସ୍ୱାମୀଙ୍କୁ ବି ଏଥିରେ ଦେଖିବାକୁ ମିଳିବ।


ଭୂମି

# ଭୂମିଙ୍କ ଖୁସି

**ଭୂ**ମି ପେଡନେକରଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି ସେ। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ନାୟିକା ସାଜିବେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ଭୂମି କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ଭୂମିଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦମ୍ ଲଗାକେ ହୈସା'ରୁ। ତା'ପରେ ସେ 'ଟଏଲେଟ୍ ଏକ ପ୍ରେମ କଥା', 'ବାଲା', 'ପତି ପତ୍ନୀ ଔର ୱ୍', 'ଭୂତ' ଏବଂ 'ରକ୍ଷାବନ୍ଧନ' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି। ତାଙ୍କର ଆଗାମୀ ଫିଲ୍ମଗୁଡିକ ହେଲା, 'ଦ ଲେଡି କିଲର' ଏବଂ 'ମେରି ପତ୍ନୀ କା ରିମେକ୍'।

# ସର୍କସ

**ରୋ**ହିତ ସେଟ୍ଟିଙ୍କ ଆଗାମୀ ଫିଲ୍ମ 'ସର୍କସ'କୁ ନେଇ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ଏହି ଫିଲ୍ମରେ ରଣବୀର ସିଂ ଡବଲ ରୋଲ୍‌ରେ ଦର୍ଶକଙ୍କୁ ଦେଖାଦେବେ। ତା'ସହ ଉକ୍ତ ସିନେମାର ସଫଳତାକୁ ନେଇ ଆଶା ବାନ୍ଧିଛନ୍ତି ଏହାର ନାୟିକା ପୂଜା ହେଗଡେ। ଏଥିରେ ଜ୍ୟାକଲିନ୍ ଫର୍ନାଡିସ ଅନ୍ୟତମ ନାୟିକା ଭାବରେ ଅଭିନୟ କରିଛନ୍ତି। ଏହାର ପୋଷ୍ଟର ରିଲିଜ ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ଫିଲ୍ମ ସମ୍ପର୍କରେ ପୂଜା କହନ୍ତି, 'ସର୍କସର କାହାଣୀ ଏବଂ ଏଥିରେ ମୋ ଭୂମିକାକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରହିଛି। ଏହାବ୍ୟତୀତ ରଣବୀର ସିଂଙ୍କର ଡବଲ ରୋଲ୍ ଫିଲ୍ମଟିର ଅନ୍ୟତମ ଆକର୍ଷଣ ହେବ।' ଏଥିରେ ରଣବୀର, ପୂଜା ଏବଂ ଜ୍ୟାକଲିନ୍‌ଙ୍କ ବ୍ୟତୀତ ସିଦ୍ଧାର୍ଥ ଯାଦବ, ସଞ୍ଜୟ ମିଶ୍ର, ମୁକେଶ ତିୱାରି, ବ୍ରଜେଶ ହିର୍‌ଜୀ ଏବଂ ଅଶ୍ୱିନୀ କାଲସେକର ମଧ୍ୟ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ରିଲାଏନ୍ସ ଏଣ୍ଟରଟେନମେଣ୍ଟ, ଟି-ସିରିଜ ଫିଲ୍ମସ ଏବଂ ରୋହିତ ସେଟ୍ଟି ପ୍ରଯୋଜନା ଭାର ତୁଲାଇଛନ୍ତି। ଚିତ୍ରଟି ଚଳିତ ମାସ ୨୩ରେ ରିଲିଜ ହେବାକୁ ଯାଉଛି।


ପୂଜା ହେଗଡେ

# ଟେନସନ୍‌ରେ ୟାମି

**ୟା**ମି ଗୌତମଙ୍କର ଟେନସନ ଏବେ ବଢ଼ିଯାଇଛି। କାରଣ ଗୋଟିଏ ପଟେ ଫିଲ୍ମ ଶୁଟିଂ ଅନ୍ୟ ପଟରେ ୱେବ ସିରିଜରେ ଅଭିନୟ। ଏ ଦୁଇଟିକୁ ନେଇ ଅଡୁଆରେ ପଡିଛନ୍ତି ଏହି ଅଭିନେତ୍ରୀ। ଯେତେବେଳେ ନୂଆ ଫିଲ୍ମ ପାଇଁ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ମଧ୍ୟ ରାଜି ହୋଇଛନ୍ତି। ଏଭଳି ପରିସ୍ଥିତିକୁ ସମ୍ପର୍କରେ ୟାମି କହନ୍ତି, 'ୱେବ୍ ସିରିଜରେ ଅଭିନୟ କରିବାକୁ ରାଜି ହେବା ପୂର୍ବରୁ ମୁଁ ଏକ ନୂଆ ଫିଲ୍ମ ସାଇନ୍ କରିଥିଲି। ହେଲେ କେତେକ କାରଣରୁ ପ୍ରଯୋଜକ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୱେବ୍ ସିରିଜ୍‌ର ଶୁଟିଂ ଯଦି ଏକାଧାରରେ ଆରମ୍ଭ ହୋଇଗଲା ତେବେ ମୋ ପାଇଁ ଅଡୁଆ ହୋଇଯିବ। ତେଣୁ ଏହାକୁ କିପରି ମ୍ୟାନେଜ୍ କରିବି ସେନେଇ ଟେନସନ୍‌ରେ ଅଛି। ଆଜିକାଲି ୱେବ୍ ସିରିଜ୍‌ର ଚାହିଦା ବଢ଼ିଚାଲିଛି। ତେଣୁ ସେଭଳି ଏକ ପ୍ଲାଟଫର୍ମରେ ପାଦ ଦେବାକୁ ସ୍ଥିର କରିଛି।' ତେବେ ୱେବ୍ ସିରିଜ୍‌ରେ ୟାମି କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ୟାମି

# କିଆରା ଯାହା ଭାବିଥିଲେ...

**ଯା**ହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ କିଆରା ଆଡଓ୍ୱାନୀଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ଭଲ ଭାବରେ ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ କିଆରା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।' ତେବେ ଏହି ଭୂମିକା କିଆରାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


କିଆରା

# ଟିକିଏ ଛାଇ ଅଳପ ଖରା, ସୁନ୍ଦରୀ ରାଧିକା ନ ଦିଏ ଧରା

**ପ୍ରଶ୍ନ**—ଥରେ ବାଟରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ତା' ସହ କିପରି ଭେଟ ହେବ କହିବେ କି ସାଥୀ ?

*—ଅମନ ରାଉତ, ଢେଙ୍କାନାଳ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେବା ସମୟରେ ତାଙ୍କର ଠିକଣା ବିଷୟରେ ବୁଝିନେଇଥିଲେ ଏବେ ଏଭଳି ପ୍ରଶ୍ନ ଆପଣଙ୍କ ମନକୁ ଆନ୍ଦୋଳିତ କରୁ ନ ଥାନ୍ତା। ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଟିକିଏ ଛାଇ ଅଳପ ଖରା, ସୁନ୍ଦରୀ ରାଧିକା ନ ଦିଏ ଧରା। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**—ଅନେକ କହନ୍ତି, ଲାଜରୁ ପ୍ରେମର ସୃଷ୍ଟି। ଏକଥା ପଛରେ କେତେ ସତ୍ୟତା ରହିଛି ?

*—ଅବିନାଶ ସାହୁ, ଜଗତସିଂହପୁର*

**ଉତ୍ତର:** କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**—ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*—ସମୀର, ଭୁବନେଶ୍ୱର*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦ ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**—ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତେ ହସି ଦେଉଛି। କ'ଣ କରିବି ?

*—ଆଶିଷ ପ୍ରଧାଣ, ବ୍ରହ୍ମପୁର*

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।




## ପ୍ରଥମ ରୋଜଗାର

# ଠାକୁରଙ୍କ ପାଇଁ ଘିଅ ଓ ସମସ୍ତଙ୍କ ପାଇଁ ଲୁଗାପଟା କିଣିଥିଲି

ସାହିତ୍ୟିକା ତଥା ଅଧ୍ୟାପିକା **ପଦ୍ମାଳୟା ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଆମେ ବାପାଙ୍କ ଚାକିରି ଜାଗାରେ ରହୁଥାଉ। ମୁଁ ମାଉସୀଙ୍କ ଘରକୁ ବଲାଙ୍ଗୀର ଯାଇଥାଏ। ସେତେବେଳେ ମୋର ଏମ୍.ଏ. ଓ ବି.ଏଡ୍. ସରିଥାଏ। ବି.ଏ.ର ପ୍ରୋଭିଜନାଲ ସାର୍ଟିଫିକେଟ କେବଳ ମୋ ପାଖରେ ଥାଏ। ଅରିଜିନାଲ ସାର୍ଟିଫିକେଟ କଲେଜରେ ଥିଲା କି ୟୁନିଭର୍ସିଟି ଫେରିସାରିଥିଲା ଜାଣି ନ ଥିଲି। କଲେଜରେ ଥାଇପାରେ ଭାବି କଲେଜ ଗଲି। ସାର୍ଟିଫିକେଟ ତ ଥିଲା ତା'ସହିତ ଠିକା ଅଧ୍ୟାପକ ପାଇଁ ବିଜ୍ଞାପନ ବାହାରିଥିବା ଜାଣି ସେଇଠି ହିଁ ଦରଖାସ୍ତ ଦେଇ ଆସିଲି। ଦୁଇଦିନ ପରେ ନିଯୁକ୍ତି ମିଳିଲା। ଘରକୁ ଖବର ଦେଇ ତା'ପରଦିନ ମାଉସୀ ଘରୁ କଲେଜ ଯିବା ଆରମ୍ଭ କଲି। କିଛି ଦିନ ପରେ କଲେଜ ପାଖ ଏକ ଭଡାଘରେ ରହିଲି। ମାସ ପୂରିଲା, ଦରମା ମିଳିଲା। ପ୍ରଥମ ରୋଜଗାର ହାତରେ ଧରିବା ପରେ ଅବର୍ଣ୍ଣନୀୟ ଆନନ୍ଦର ଅନୁଭବ ହେଲା। ରୋଷେଇ ପାଇଁ ମା' ଘରୁ ସବୁ ଜିନିଷ ଦେଇଥିଲା। ଏମିତି କି ଚା' ପତି ବି। ମୁଁ କହେ—ବଲାଙ୍ଗୀରରେ କ'ଣ ଚା' ପତି ମିଳୁନି ଯେ ଏଇଟା ବି ପଠାଉଛୁ ? ତଥାପି ମା' ସବୁ ଦରକାରୀ ଜିନିଷ ପଠାଉଥିଲା। ନିତି ଖର୍ଚ୍ଚ ପାଇଁ ବାପା ବି ଟଙ୍କା ଦେଉଥିଲେ। ପ୍ରଥମ ଦରମା ଟଙ୍କାରେ ମୋ ଚଳିବା ପାଇଁ ଖର୍ଚ୍ଚ କରିବାର କିଛି ଆବଶ୍ୟକ ହୋଇ ନ ଥିଲା। ବାପାମା' ଭଗବତ ବିଶ୍ୱାସୀ। ଘରକୁ ଯେ କୌଣସି ନୂଆ ଜିନିଷ ଆସେ ଭଗବାନଙ୍କୁ ଅର୍ପଣ କଲାପରେ ଆମେ ବ୍ୟବହାର କରୁଥିଲୁ। ଅନେକ ଥର ଘରେ ତୁଳସୀ ରାମାୟଣ ବସା ହେଉଥିଲା। ମା' ପ୍ରତ୍ୟେକ ଦିନ ଗୀତା, ଭାଗବତ, ବିଷ୍ଣୁ ସହସ୍ରନାମ ପଢ଼େ। ସେହିପରି କାର୍ତ୍ତିକ ମାହାତ୍ମ୍ୟ, ସୁନ୍ଦରାକାଣ୍ଡକୁ ବି ସିଏ ବିଶେଷ ମାସ ଓ ଦିନଗୁଡ଼ିକରେ ପଢ଼ିଥାଏ। ମୁଁ ଜାଣିବା ଦିନଠୁ ଆଜି ପର୍ଯ୍ୟନ୍ତ ଦେଖୁଛି, ମା' ପ୍ରତ୍ୟେକ ଦିନ ଭାଗବତ ପଢ଼େ ଓ ଭାଦ୍ରବ ପୂର୍ଣ୍ଣିମାରେ ଭାଗବତ ଜନ୍ମ ଉତ୍ସବ ପାଳନ କରେ। ବାପା ପ୍ରତ୍ୟେକ ଦିନ ସୁମଧୁର ଉଚ୍ଚ କଣ୍ଠରେ ଶ୍ଳୋକ ସବୁ ଉଚ୍ଚାରଣ କରୁଥିଲେ। ଆଜି ବି ସେସବୁ ମୋତେ ଶୁଣାଯାଏ। ଯଦିଓ ୨୦୦୬, ଜୁନ ୧୩ ତାରିଖରୁ ଆମେ ବାପାଙ୍କୁ ହରେଇ ସାରିଛୁ। କିନ୍ତୁ ଅବଶୋଷ ରହିଗଲା, ବାପାଙ୍କର ଶ୍ଳୋକ ଉଚ୍ଚାରଣକୁ ରେକର୍ଡିଂ କରି ରଖିପାରିଲିନି। ସେ ଯାହା ହେଉ, ଘରର ଏଭଳି ପରିବେଶର ପ୍ରଭାବ ମୋ ଉପରେ ପଡିଥିଲା ଓ ପ୍ରଥମ ଦରମା ଟଙ୍କାରେ ଠାକୁରଙ୍କ ପାଇଁ ଘିଅ ଡବାଟିଏ କିଣିଥିଲି। ତା'ପରେ ଘରେ ସମସ୍ତଙ୍କ ପାଇଁ ନୂଆ ଲୁଗା କିଣିବାକୁ ଭାବି ମା' ଲାଗି ସମ୍ବଲପୁରୀ ଶାଢି, ବାପା ଓ ସାନ ଭଉଣୀ ପାଇଁ ଭଲ ଡ୍ରେସ୍ କନା ଏବଂ ମୋ ପାଇଁ ମୋର ପ୍ରିୟ ସୂତା ଶାଢି କିଣିଥିଲି। ମୋ ପାଇଁ ଦାମୀ ଶାଢି ନ ଆଣି ସୂତା ଶାଢି ଆଣିଥିବାରୁ ମା' ନାପସନ୍ଦ କଲା। ହେଲେ ମୋତେ ମଣ୍ଡଦିଆ ସୂତା ଶାଢି ପିନ୍ଧିବାକୁ ବେଶି ଭଲ ଲାଗୁଥିବାରୁ ମୋ ମନ ଖୁସି ଥିଲା। ବାପାମା'ଙ୍କର ଆମେ ଥିଲୁ ଦୁଇ ଝିଅ। ମୁଁ ଥିଲି ବଡ଼। ପୁଅଝିଅ ଉଭୟ ଭାବରେ ମୋର ପ୍ରଥମ ରୋଜଗାରର ଏ ଉପହାରରେ ବାପାମା', ଭଉଣୀ ସମସ୍ତେ ବହୁତ ଖୁସି ହୋଇଥିଲେ। ଏବେ କେତେ ଗୁଣ ଅଧିକ ଦରମା ପାଇଲେ ବି ସେଇ ପ୍ରଥମ ରୋଜଗାରର ଆନନ୍ଦ ଏବେ ବି ଅଭୁଲା।

# ସ୍ୱେଟର୍ ଫ୍ୟାଶନ

**ଶୀତ ଆସିଲେ ସ୍ୱେଟର୍‌ର ଚାହିଦା ବଢିଯାଏ। ଯେଉଁଥିପାଇଁ ପ୍ରତିବର୍ଷ ନୂଆନୂଆ ଡିଜାଇନ୍‌ର ସ୍ୱେଟର୍ ମାର୍କେଟ୍‌କୁ ଆସେ। ତେବେ କେଉଁ ଟାଇପ୍‌ର ସ୍ୱେଟର୍‌କୁ କିଭଳି କ୍ୟାରି କଲେ ଶୀତରେ ବି ଡିଫରେଣ୍ଟ ଲୁକ୍ ମିଳିପାରିବ ଜାଣନ୍ତୁ ସେ ସମ୍ପର୍କରେ...**



* **କାର୍ଡିଗନ୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍ ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଏହାର ମଧ୍ୟ ଅନେକ ଭେରାଇଟି ଦେଖିବାକୁ ମିଳେ। ତେବେ ଲଙ୍ଗ୍ ସ୍ଲିଭ୍ ଥିବା କାର୍ଡିଗନ୍, ଯାହାର ସାମ୍ନାପଟେ ବଟନ୍ ଲାଗିଥାଏ ; ତାହାକୁ ଯେ କୌଣସି ସିମ୍ପଲ ଆଉଟ୍‌ଫିଟ୍ ଉପରେ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇହେବ। ଏବେ ମାର୍କେଟ୍‌ରେ ବିନା ବଟନ୍‌ବାଲା କାର୍ଡିଗନ୍ ତଥା ଓପନ୍ କାର୍ଡିଗନ୍, ଯାହାକୁ ଓପନ୍ ସ୍ୱେଟର୍ ବୋଲି ବି କୁହାଯାଏ, ତାହାର ଅନେକ ଭେରାଇଟି ଆସୁଥିବା ଦେଖିବାକୁ ମିଳୁଛି।
* **ପୁଲ୍ ଓଭର୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍‌ରେ ଆଦୌ ବଟନ୍ ଲାଗି ନ ଥାଏ ଏବଂ ଏହାକୁ ମୁଣ୍ଡରେ ଗଳେଇ କି ପିନ୍ଧିବାକୁ ହୁଏ। ଦେଖିବାକୁ କ୍ଲାସି ଲାଗୁଥିବା ଏହି ଟାଇପ୍‌ର ସ୍ୱେଟର୍‌କୁ ମୁଖ୍ୟତଃ ଜିନ୍ସ ଓ ଟପ୍ସ ଉପରେ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।
* **ଭି-ନେକ୍ ସ୍ୱେଟର୍:** କାଜୁଆଲ୍ ଲୁକ୍ ପାଇଁ ଏହି ଟାଇପ୍‌ର ସ୍ୱେଟର୍ ପରଫେକ୍ଟ। ମୁଖ୍ୟତଃ ଫର୍ମାଲ୍ ଶାର୍ଟ ଓ ପ୍ୟାଣ୍ଟ ସାଙ୍ଗକୁ ଏହି ସ୍ୱେଟର୍ ପିନ୍ଧି ତାହାକୁ ଇନ୍ କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ।
* **ଟ୍ୟୁନିକ୍ ସ୍ୱେଟର୍:** ମହିଳାମାନେ ଏହି ଟାଇପ୍‌ର ସ୍ୱେଟର୍‌କୁ ଲଙ୍ଗ୍ ଶାର୍ଟ ପରି ପିନ୍ଧିବାକୁ ବେଶ୍ ପସନ୍ଦ କରିଥାନ୍ତି। ବିଶେଷକରି ଏହାର କଲାର୍, ହାତ ଏବଂ ଅଣ୍ଟାର ବର୍ଡରରେ ହୋଇଥିବା କୁଞ୍ଚୁକୁଞ୍ଚିଆ ବା ଫର୍ଲ ଡିଜାଇନ୍ ଏହାକୁ ଅନ୍ୟ ସ୍ୱେଟର୍‌ଠାରୁ ଭିନ୍ନ ଲୁକ୍ ଦେଇଥାଏ।
* **ଟର୍ଟଲନେକ୍ ସ୍ୱେଟର୍:** ଯେଉଁ ସ୍ୱେଟର୍‌ର କଲାର୍ ହାଇ ନେକ୍ ହେବା ସହ ଫୁଲିକି ରହି ଫୋଲ୍ଡ ହୋଇ ରହିଥାଏ, ତାହାକୁ ଟର୍ଟଲନେକ୍ ସ୍ୱେଟର୍ କୁହାଯାଏ। ଏହି ସ୍ୱେଟର୍ ଯୋଗୁ ବେକ ପୂରାପୂରି କଭର୍ ହୋଇଯାଏ। ମୁଖ୍ୟତଃ ଜିନ୍ସ ପ୍ୟାଣ୍ଟ ସହ ଏହାକୁ ପିନ୍ଧିଲେ କ୍ଲାସି ଲୁକ୍ ମିଳିଥାଏ।
* **ସ୍ୱେଟର ଭେଷ୍ଟ:** ଏହି ସ୍ୱେଟର ମୁଖ୍ୟତଃ ସ୍ଲିଭ୍‌ଲେସ୍ ଡିଜାଇନ୍‌ର। କିନ୍ତୁ ଦେଖିବାକୁ ସୁନ୍ଦର ଲାଗେ। ଖାସ୍ କରି ଜିନ୍ସ ପ୍ୟାଣ୍ଟ କିମ୍ବା ସ୍କର୍ଟ୍ ସହ ଏହି ଟାଇପ୍‌ର୍ ସ୍ୱେଟର ପିନ୍ଧିଲେ ଲୁକ ବେଶ୍ ଆକର୍ଷଣୀୟ ଦେଖାଯାଏ। ସବୁଠୁ ବଡ଼ କଥା ହେଉଛି, ଏହି ଟାଇପ୍‌ର ସ୍ୱେଟରକୁ ଉଭୟ ପୁରୁଷ ଓ ମହିଳା ବେଶ୍ ଆରାମରେ କ୍ୟାରି କରିପାରିବେ।
* **ବୟଫ୍ରେଣ୍ଡ ସ୍ୱେଟର:** ବୟଫ୍ରେଣ୍ଡ ଜିନ୍ସ ପରି ବୟଫ୍ରେଣ୍ଡ ସ୍ୱେଟରର ବି ବେଶ୍ ଭଲ ଚାହିଦା ରହିଥାଏ। ଏହି ଟାଇପର୍ ସ୍ୱେଟର ଦେଖିବାକୁ ଟ୍ରେଣ୍ଡି ବି ଲାଗେ। ମୁଖ୍ୟତଃ ସାଙ୍ଗମାନଙ୍କ ସହ ଆଉଟିଂରେ ଯିବାବେଳେ ଏହି ଟାଇପ୍‌ର ସ୍ୱେଟର ପିନ୍ଧିଲେ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ।
* **କ୍ୱାଟର୍ ଜିପ୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍ ଦେଖିବାକୁ ପ୍ରାୟତଃ ଭି-ନେକ୍ ସ୍ୱେଟର୍ ଭଳି ହୋଇଥାଏ ; କିନ୍ତୁ ଏଥିରେ ସାମ୍ନାପଟେ ଜିପ୍ ଲାଗିଥାଏ। ଅନ୍ୟ ସ୍ୱେଟର୍ ତୁଳନାରେ ଏହା ଟିକେ ମୋଟା, ଯଦ୍ଦ୍ୱାରା ଟିକେ ଅଧିକ ସମୟ ପିନ୍ଧିଲେ ଗରମ ଲାଗିଥାଏ। ଅଫିସିଆଲ୍ ଲୁକ୍ ପାଇଁ ଏହି ଟାଇପ୍‌ର ସ୍ୱେଟର୍ ପରଫେକ୍ଟ ହୋଇଥାଏ।













ଭୂମିକା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ–କୁମାର ଶରତ, ଧରିତ୍ରୀ**

# ହାଃ ହାଃ

## ଚଷମା

ପପୁ ଚଷମା ଦୋକାନକୁ ଯାଇ: ମତେ ଗୋଟେ ବେଶି ପାୱାର ଥିବା ଚଷମା ଦେଲେ।
ଦୋକାନୀ: ସେମିତି କ'ଣ ଚଷମା ଦିଆଯାଏ ? ଚଷମାର ପାୱାର କେତେ କୁହ ?
ପପୁ: ମତେ ଲାଗୁଛି ତାଙ୍କ ଆଖିର ପାୱାର ବହୁତ କମ୍। ସେଥିପାଇଁ ବେଶି ପାୱାରର ଚଷମା ଦିଅ।
ଦୋକାନୀ: ହେଲେ କାହା ପାଇଁ ନେବ।
ପପୁ: ଆମ ସାର୍‌ଙ୍କ ପାଇଁ।
ଦୋକାନୀ: କାହିଁକି ?
ପପୁ: କାହିଁକି ନା ସାର୍‌ଙ୍କୁ ମୁଁ ସବୁବେଳେ ଗଧ ପରି ଦେଖାଯାଏ।

## ପାଣି

ସ୍ୱାମୀ ସ୍ତ୍ରୀଙ୍କୁ: ପାଣି ଟିକେ ଦେଲ।
ସ୍ତ୍ରୀ: ଶୋଷ ଲାଗୁଛି ନା କ'ଣ ?
ସ୍ୱାମୀ: ନା, ଚେକ୍ କରିବି ବେକରେ କୋଉଠି ଲିକ୍ ହେଉଛି କି ନାହିଁ।

## ଚୋର

ରମେଶ ବାବୁ ତାଙ୍କ ସାଙ୍ଗ ମନୋଜଙ୍କୁ: ମୋର ୪ ପୁଅ।
ମନୋଜ: ସେମାନେ ସବୁ କ'ଣ କରୁଛନ୍ତି ?
ରମେଶ ବାବୁ:ପ୍ରଥମ ପୁଅ ଏମ୍‌ବିଏ କରିଛି, ଦ୍ୱିତୀୟ ପୁଅ ଇଞ୍ଜିନିୟରିଂ ପଢ଼ିଛି, ତୃତୀୟ ପୁଅ ଏମ୍‌ସିଏ ପଢ଼ିଛି ଓ ଚତୁର୍ଥ ପୁଅ ଚୋର।
ମନୋଜ ବାବୁ: କ'ଣ ! ତମ ସାନ ପୁଅ ଚୋର। ତାକୁ ଘରୁ ବାହାର କରି ଦେଉନ।
ରମେଶ ବାବୁ: କେମିତି ବାହାର କରିବି। ସେଇ ଜଣେ ତ ରୋଜଗାର କରି ଘର ଚଳଉଛି। ଅନ୍ୟମାନେ ତ ବେକାର।




ପୁଣ୍ୟଭୂମି

# ଦ୍ୱାରକା






**ଦ୍ୱା**ରକା ନାମଟି ଶୁଣିଦେଲେ ପ୍ରତ୍ୟେକ ହିନ୍ଦୁଙ୍କର ହାତ ଆପେଆପେ ଯୋଡ଼ି ହୋଇଯାଏ। ଆଖିରେ ନାଚିଯାଏ ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କର ଅପରୂପ ମୂର୍ତ୍ତି। ହୃଦୟରେ ଅପୂର୍ବ ପୁଲକ ଖେଳିଯାଏ। ଥରୁଟିଏ ସେଇ ପବିତ୍ର ମାଟିକୁ ଛୁଇଁ, ଦ୍ୱାରକାଧୀଶଙ୍କୁ ଦର୍ଶନ କରିବାର ଇଚ୍ଛା ମନରେ ଜାଗି ଉଠେ। ସେଇଠି ତ ଲୀଳାମୟ ଶ୍ରୀକୃଷ୍ଣ ତାଙ୍କ ଜୀବନର ବହୁ ସମୟ ବିତାଇଥିଲେ। ସେଥିପାଇଁ ଏହା ଅତ୍ୟନ୍ତ ପୁଣ୍ୟଧାମ। ପବିତ୍ର ଚାରିଧାମ (ରାମେଶ୍ୱର, ବଦ୍ରିନାଥ, ଦ୍ୱାରକା, ପୁରୀ) ମଧ୍ୟରେ ଏହା ଅନ୍ୟତମ। ଗୋମତୀ ନଦୀ ଏବଂ ଆରବ ସାଗରର ମିଳନ ସ୍ଥଳରେ ରହିଛି ବିଶ୍ୱପ୍ରସିଦ୍ଧ ଦ୍ୱାରକାଧୀଶ ମନ୍ଦିର; ଯାହା ଜଗତ ମନ୍ଦିର ନାମରେ ମଧ୍ୟ ଜଣାଯାଏ। ଭାରତୀୟ ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁଯାୟୀ, ଏହି ମନ୍ଦିର ପ୍ରାୟ ଦୁଇ ହଜାର ବର୍ଷ ପୁରୁଣା। ଏହା ସମୁଦ୍ର ଜୁଆରରେ ବାରମ୍ବାର କ୍ଷୟ ହୋଇ ନିର୍ମିତ ହୋଇଛି। ତେବେ ପୌରାଣିକ ତଥ୍ୟ ଅନୁସାରେ, ମୂଳ ମନ୍ଦିରଟି ଲୀଳାମୟ ଶ୍ରୀକୃଷ୍ଣଙ୍କର ପ୍ରପୌତ୍ର ବଜ୍ରନାଭଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଐତିହାସିକ ତଥ୍ୟ ଅନୁଯାୟୀ, ଦ୍ୱାରକାଧୀଶଙ୍କର ପୁରାତନ ମନ୍ଦିରଟି ୧୪୭୨ ଖ୍ରୀଷ୍ଟାବ୍ଦରେ ସୁଲତାନ ମହମୁଦ ବେଗଡଙ୍କ ଦ୍ୱାରା ଧ୍ୱଂସ କରି ଦିଆଯାଇଥିଲା; ଯାହା ପରବର୍ତ୍ତୀ ସମୟରେ ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀରେ ଚାଲୁକ୍ୟ ବଂଶର ରାଜାଙ୍କ ଦ୍ୱାରା ପୁନଃ ନିର୍ମିତ ହୋଇଥିଲା।

ଆରବ ସାଗର ଓ ଗୋମତୀ ନଦୀର ମିଳନ ସ୍ଥଳରୁ ଅଳ୍ପ ଦୂରରେ ପାଣିର ଧାରେଧାରେ ସମୁଦ୍ର ପଉନଠାରୁ ପ୍ରାୟ ଚାଳିଶଫୁଟ ଉପରେ ଚାଲୁକ୍ୟ ଶୈଳୀରେ ନିର୍ମିତ ଏହି ମନ୍ଦିରଟି ୭୨ଟି ଖୁମ୍ବ ଉପରେ ୫ଟି ଥାକରେ ଗଢ଼ା ହୋଇଛି। ଏହାର ଉଚ୍ଚତା ପ୍ରାୟ ୨୫୬ ଫୁଟ ହେବ। ଏହି ମନ୍ଦିରର ଚୂଡ଼ାରେ ଯେଉଁ ୫୦ ଫୁଟ ଲମ୍ବା ତ୍ରିକୋଣୀୟ ପତାକାଟି ଉଡୁଛି, ତହିଁରେ ରହିଛନ୍ତି ସୂର୍ଯ୍ୟ ଏବଂ ଚନ୍ଦ୍ର। ମନ୍ଦିରରେ ଦୁଇଟି ଦ୍ୱାର ରହିଛି। ଗୋଟିକର ନାମ ମୋକ୍ଷଦ୍ୱାର ଏବଂ ଅନ୍ୟଟିର ନାମ ସ୍ୱର୍ଗଦ୍ୱାର। ସମୁଦାୟ ମନ୍ଦିରଟି ଦୁଇଟି ଭାଗରେ ବିଭକ୍ତ। ଗର୍ଭଗୃହ ଏବଂ ଅନ୍ତରାଳ (ଜଗମୋହନ)। ଗର୍ଭଗୃହର ଆସ୍ଥାନ ଉପରେ ଅପୂର୍ବ ଭଙ୍ଗୀରେ ଠିଆ ହୋଇଛନ୍ତି ଚତୁର୍ଭୁଜ ଶ୍ରୀଦ୍ୱାରକାଧୀଶ। ତାଙ୍କର ଚାରି ଭୁଜରେ ଶୋଭା ପାଉଛି ଶଙ୍ଖ, ଚକ୍ର, ଗଦା, ପଦ୍ମ। କଳା ମୁଗୁନି ପଥରରେ ନିର୍ମିତ ଏହି ମୂର୍ତ୍ତିଙ୍କର ଅନ୍ୟ ନାମ ତ୍ରିବିକ୍ରମ। ତାଙ୍କ ପାର୍ଶ୍ୱରେ ପାର୍ଶ୍ୱ ଦେବତା ଭାବରେ ରହିଛନ୍ତି ବଡ଼ଭାଇ ବଳରାମ, ପୁତ୍ର ପ୍ରଦ୍ୟୁମ୍ନ ଏବଂ ପୌତ୍ର ଅନିରୁଦ୍ଧ। ବାହାର ପଟ କାନ୍ଥରେ ଅଛନ୍ତି ଜାମ୍ବବତୀ, ସତ୍ୟଭାମା, ଲକ୍ଷ୍ମୀ ଓ ରାଧାରାଣୀ। ଶ୍ରୀଦ୍ୱାରକାଧୀଶଙ୍କ ଠିକ୍ ସମ୍ମୁଖ ଭାଗରେ ଗୋଟିଏ ପିଣ୍ଡିରେ ଶୋଭା ପାଉଛନ୍ତି ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ଏବଂ ମାତା ଦେବକୀ। ଏତଦ୍ ବ୍ୟତୀତ ସେହି ବେଢ଼ାରେ ମାଧବରାଓଜୀ ଏବଂ ଦୁର୍ବାସା ଋଷିଙ୍କର ପ୍ରତିମା ମଧ୍ୟ ପୂଜା ପାଉଛି।

ମନ୍ଦିରକୁ ଯିବାକୁ ହେଲେ ନିର୍ଦ୍ଧାରିତ ଦୂରତ୍ୱରୁ ଗାଡ଼ି ରଖି ପାଦରେ ଚାଲିଚାଲି ଯିବାକୁ ହୁଏ। ସମୁଦ୍ର କୂଳକୁ ଲମ୍ବିଥିବା ରାସ୍ତା ପାର୍ ହେଲେ ଶୁଭେ ସମୁଦ୍ରର ଘୁ.. ଘୁ.. ଗର୍ଜନ। ସେଇଠୁ ଲମ୍ବିଛି ମୁଖ୍ୟ ମନ୍ଦିରକୁ ଯିବା ଲାଗି କରିଡର୍ ଭଳି ରାସ୍ତା। ସମୁଦ୍ର ଆଡ଼କୁ ପିଠି କରି ଗଢ଼ା ହୋଇଛି କେତେଗୋଟି ଛୋଟଛୋଟ ମନ୍ଦିର; ଯେଉଁଠାରେ ସମୁଦ୍ର ଢେଉ ଆସି ମାଡ଼ ହେଉଛି, ପଦଚାରୀମାନଙ୍କୁ ପବିତ୍ର ଜଳ ଛିଟିକାଇ ସତେ ଅବା ଆଶୀର୍ବାଦ ଜଣାଇ ଦେଉଛି। ସେହି ଛୋଟ ମନ୍ଦିରସବୁ ଦର୍ଶନ କରି କରି ପହଞ୍ଚିବେ ମୁଖ୍ୟଦ୍ୱାର ପାଖରେ। ସେଇଠି ଆଗକୁ ଗଲେ ମନ୍ଦିରର ଅଫିସ୍। ସେଠାରେ ବ୍ୟାଗ୍, ମୋବାଇଲ୍, କ୍ୟାମେରା ଇତ୍ୟାଦି ଜମା ଦେଇ ଭିତରକୁ ଯିବାକୁ ହୁଏ। ମନ୍ଦିର ଭିତରେ ଫଟୋ ଉଠାଇବା ମନା। ଦର୍ଶନ ତ ଖୁବ୍ ସୁଖକର, ଆଉ ମନ୍ଦିରର ପେଡ଼ା ଭୋଗ ସବୁଠୁ ସୁସ୍ୱାଦୁ।

ମୁଖ୍ୟ ମନ୍ଦିର ବୁଲାବୁଲି ସାରିଲେ ଆଗକୁ ଦେଖାଯାଉଛି ସୁଦାମା ସେତୁ। ସେଇ ସେତୁ ଉପରେ ଚାଲି ଚାଲି ପୋତାଶ୍ରୟରୁ ଟିକେଟ୍ ଧରି ଯନ୍ତ୍ରଚାଳିତ ବୋଟ୍‌ରେ ବସି ସମୁଦ୍ର ମଝିରେ ଥିବା








ଭେଟ୍ ଦ୍ୱାରକାକୁ ଯିବାକୁ ହୁଏ। ସେଇ ବୋଟ୍ ହିଁ ମୂଳ ଦ୍ୱାରକାକୁ ଯିବାର ଏକମାତ୍ର ମାଧ୍ୟମ। କଥିତ ଅଛି ସେଇଠାରେ ହିଁ ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କର ଭେଟ ହୋଇଥିଲା ବାଲ୍ୟବନ୍ଧୁ ଦରିଦ୍ର ବ୍ରାହ୍ମଣ ସୁଦାମାଙ୍କ ସହିତ। ଦ୍ୱାରକାଧୀଶ ଶ୍ରୀକୃଷ୍ଣ ରତ୍ନ ସିଂହାସନରୁ ଉଠି ନିଜେ ଧାଇଁ ଆସିଥିଲେ ବନ୍ଧୁ ସୁଦାମାଙ୍କୁ ସଙ୍ଖୋଳି ନେବା ପାଇଁ। ବନ୍ଧୁତାର ଚରମ ନିଦର୍ଶନ ସେହି ପୀଠଟି ଆଜି ମଧ୍ୟ ସ୍ମରଣୀୟ ହୋଇ ରହିଛି ଜନମାନସରେ। ସେହି ସ୍ମୃତିକୁ ବହନ କରି ସେଠାର ରହିଛି ଭେଟ୍ ଦ୍ୱାରକାଧୀଶ ବା କେଶବରାଓଜୀଙ୍କର ମନ୍ଦିର। ସେଠାରେ ମଧ୍ୟ ଶ୍ରୀକୃଷ୍ଣଙ୍କର ଚତୁର୍ଭୁଜ ମୂର୍ତ୍ତି ରହିଛି। ଆହୁରି ମଧ୍ୟ ରହିଛି ସୁଦାମାଙ୍କର ମୂର୍ତ୍ତିଟିଏ। ବୋଟ୍‌ରୁ ଓହ୍ଲାଇ ସେଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼େ। ସେଠାରେ ମଧ୍ୟ ଅନେକ ଦୋକାନ ବଜାର ରହିଛି। ସେଠାରେ ଫଟୋ ଉଠାଇବା ମନା। ତଥାପି ମନ୍ଦିର ଆଉ ଠାକୁରଙ୍କର ଅନେକ ଫ୍ରେମ୍‌କରା ଫଟୋ ସହିତ ଅନେକ ସୌଖୀନ୍ ଜିନିଷ ସେଠାରେ ଥିବା ଦୋକାନମାନଙ୍କରେ ମିଳିଥାଏ।

ଦ୍ୱାରକା ଦର୍ଶନ କଷ୍ଟସାଧ୍ୟ ଏବଂ କ୍ଳାନ୍ତିକର ଯାତ୍ରା ହେଲେ ମଧ୍ୟ ସାରା ବିଶ୍ୱରୁ ଅନେକ ପର୍ଯ୍ୟଟକ ଏଠାକୁ ଛୁଟି ଆସନ୍ତି ସାଗରର ସୌନ୍ଦର୍ଯ୍ୟ ଏବଂ ମନ୍ଦିରରେ ଦ୍ୱାରକାଧୀଶଙ୍କର ଭବ୍ୟ ଦର୍ଶନ କରିବା ପାଇଁ। ଏଠାକୁ ଯିବା ପାଇଁ ନିକଟତମ ଏୟାରପୋର୍ଟ ଏବଂ ରେଲୱେ ଷ୍ଟେସନ୍ ହେଉଛି ଅହମ୍ମଦାବାଦ। ଅହମ୍ମଦାବାଦରେ ରହିଛି ଆନ୍ତଃ ରାଜ୍ୟ ବସ୍ ସେବା, ଯେଉଁଠି ଦେଶର ସବୁ କୋଣ ଅନୁକୋଣରୁ ବସ୍ ଯାତାୟାତ କରିଥାଏ। ସେଠାରେ ଓହ୍ଲାଇ ଲୋକାଲ୍ ଅଟୋ କିମ୍ବା ଟ୍ୟାକ୍ସି ଧରି ଦ୍ୱାରକାଧୀଶଙ୍କର ମନ୍ଦିରଯାଏଁ ସହଜରେ ଯାଇହୁଏ।

– **ସୁଷମା ପରିଜା,** *ଶାରଳା ଭବନ,*
*ପୋତାପୋଖରୀ, ନୂଆବଜାର, କଟକ*
*ମୋ: ୯୩୩୭୨୭୨୬୪୭*



# ବେଲୁନ୍





ରଙ୍ଗ ବିରଙ୍ଗି ବେଲୁନ୍ ଛୋଟ ପିଲାଙ୍କର ବହୁତ ପ୍ରିୟ। ତେବେ ଜାଣନ୍ତିକି ରବରର ଏଇ ବେଲୁନ୍‌କୁ କେବେ ଓ କିଏ ଉଦ୍ଭାବନ କରିଥିଲେ ? ୧୮୨୪ରେ ମହାନ ବୈଜ୍ଞାନିକ ପ୍ରଫେସର୍ ମାଇକେଲ ଫାରାଡେ ଏହାକୁ ଉଦ୍ଭାବନ କରିଥିଲେ। ଏକ ଏକ୍ସପେରିମେଣ୍ଟ ପାଇଁ ସେ ଦୁଇଟି ରାଉଣ୍ଡ ରବର୍ ସିଟ୍‌ର ଧାରକୁ ଚାପି ଲଗାଇ ରଖି ବ୍ୟାଗ ତିଆରି କରିଥିଲେ। ଆଉ ତା' ଭିତରେ ଗ୍ୟାସ ଭର୍ତ୍ତି କରିଥିଲେ। ଗ୍ୟାସ୍ ଭର୍ତ୍ତି କରିବାବେଳେ ସେ ଦେଖିଲେ ରବର୍ ନମନୀୟ ହୋଇ ଫୁଲିବାକୁ ଲାଗିଲା। ତା'ସହ ତାହା ପତଳା ହେବାକୁ ଲାଗିଲା। ଆଉ ବାୟୁରେ ଭାସିଲା। ଏହାର ୧ ବର୍ଷ ପରେ ଖେଳଣା ବେଲୁନ ତିଆରି ଆରମ୍ଭ ହେଲା। ଯାହାକୁକି ଏବେ ସାଧାରଣତଃ ପାର୍ଟିରେ ବ୍ୟବହାର କରାଯାଉଛି। ରବର୍ ଗଛରୁ ମିଳୁଥିବା ଲାଟେକ୍ସରୁ ବେଲୁନ୍ ତିଆରି ହୋଇଥାଏ। ଏଥିରେ ସାଧାରଣ ବାୟୁ ଅବା ହିଲିୟମ ଗ୍ୟାସ ଭର୍ତ୍ତି କରାଯାଇଥାଏ। ଲାଟେକ୍ସରେ ତିଆରି ବେଲୁନ ସମ୍ପୂର୍ଣ୍ଣଭାବେ ଇକୋ ଫ୍ରେଣ୍ଡଲି ହୋଇଥାଏ। ଏହାକୁ ତିଆରି କରିବା ଲାଗି ଗଛ କଟାଯାଇ ନ ଥାଏ। ଲାଟେକ୍ସକୁ ଗଛର ଛୋଟ ଛୋଟ ଶାଖାରୁ ସଂଗ୍ରହ କରାଯାଏ। ଫଳରେ ଗଛର କୌଣସି କ୍ଷତି ହୋଇ ନ ଥାଏ। ରବର ଗଛ ସାଧାରଣତଃ ବର୍ଷାବଣରେ ହୋଇଥାଏ। ଗୋଟିଏ ରବର ଗଛ ପ୍ରାୟ ୪୦ ବର୍ଷ ପର୍ଯ୍ୟନ୍ତ ଲାଟେକ୍ସ ଉତ୍ପାଦନ କରିପାରେ। ଥରେ ବେଲୁନରେ ପବନ ଭର୍ତ୍ତି କଲେ ତାହା ଏକ ସପ୍ତାହ ପର୍ଯ୍ୟନ୍ତ ରହିପାରେ। ହିଲିୟମ ଗ୍ୟାସ ବାଲା ବେଲୁନ୍ ବାୟୁରେ ଉଡିପାରେ। କାରଣ ହିଲିୟମ ବାୟୁଠାରୁ ହାଲ୍କା ହୋଇଥାଏ।





# ରୋବୋ ଶାର୍ପ ଶୁଟର୍



ରୋବୋର ଆବିଷ୍କାର ଓ ରୋବୋଟିକ୍ସର ବିକାଶ ହେବା ଯୋଗୁ ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଯାଇ ଜୀବନ ସରଳ ହୋଇପାରିଛି। ଏମିତିକି ପୋଲିସ ବିଭାଗରେ ବି ରୋବୋ ସକ୍ରିୟଭାବେ କାମ କରୁଛନ୍ତି। ଆମେରିକା ସାନଫ୍ରାନ୍ସିସ୍କୋସ୍ଥ କାଲିଫର୍ନିଆ ପୋଲିସ୍ ବିଭାଗରେ ୧୭ଟି ରୋବୋ କାମ କରୁଛନ୍ତି। ସେଥିରୁ ୧୨ଟି ରୋବୋ ସମ୍ପୂର୍ଣ୍ଣ ଆକ୍ଟିଭ ଅଛନ୍ତି। ବମ୍‌ର ଧମ୍‌କ ଆସିଲେ ସେହି ସ୍ଥାନର ନିରୀକ୍ଷଣ କାର୍ଯ୍ୟରେ ଏହି ରୋବୋଗୁଡ଼ିକୁ ଲଗାଯାଉଛି। ତେବେ ନିକଟରେ ସାନଫ୍ରାନ୍ସିସ୍କୋ ସିଟି ପୋଲିସ୍ ଆଉ ପାଦେ ଆଗକୁ ଯାଇ ରୋବୋ ଯେମିତି ଅପରାଧୀଙ୍କୁ ଗୁଳି ମାରିପାରିବ ସେନେଇ ପ୍ରଶାସନକୁ ଅନୁମତି ପ୍ରାର୍ଥନା କରିଛନ୍ତି। ଯଦ୍ୱାରା ସେମାନେ ଏନକାଉଣ୍ଟର ବି କରିପାରିବେ। ଏହି



ରୋବୋରେ ଘାତକ ଅଟୋମେସନ୍ ୱେପନ ସିଷ୍ଟମ୍ ର ବ୍ୟବହାର ହୋଇଛି। ଯଦ୍ୱାରା ଏଗୁଡିକ ଯେକୌଣସି ବିପଦ ସୃଷ୍ଟିକାରୀ ସନ୍ଦିଗ୍ଧଙ୍କୁ ମାରିବାରେ ସକ୍ଷମ। ହେଲେ ରୋବୋକୁ ଶୁଟ୍ କରିବାର ଅନୁମତି ମିଳିଗଲେ ସାର୍ପ ଶୁଟର୍‌ଙ୍କ ଚାକିରି ବିପଦରେ ପଡିଯିବ ବୋଲି ଆଶଙ୍କା କରାଯାଉଛି। କାରଣ ସେମାନଙ୍କ ସ୍ଥାନ ଏଇ ରୋବୋ ନେଇଯିବେ।



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ସାହିତ୍ୟକୁ ଶନି ଦଶା

ଲାଗୁଛି ଓଡ଼ିଆ ସାହିତ୍ୟକୁ ଏବେ ଶନି ଦଶା ଚାଲିଛି । ବିଶେଷକରି ସମ୍ମାନ ଓ ପୁରସ୍କାରକୁ ନେଇ । ଏ ଶନି ଦଶା ଏପରି ଯେ ଯିଏ ପୁରସ୍କୃତ ହେଲା ସେ ପ୍ରକାରାନ୍ତରେ ଗୁଡ଼ାଏ ଅପବାଦ ମୁଣ୍ଡେଇବା ସହ ଯିଏ ଦେଲା ସେ ମଧ୍ୟ କିଛି କମ୍ ବଦନାମ ନେଲାନି । ଯିଏ ପାଇଲା ମଲା ଯିଏ ଦେଲା ସିଏ ମଲା। ପୁରସ୍କାର ଘୋଷଣା ହେଉ ହେଉ ଶହେ ବିରୋଧୀଙ୍କ ତୀକ୍ଷ୍ଣ କଟାକ୍ଷ ଶୁଣିବାକୁ ମିଳିବ । ଏପରି କି କିଛି ଆଜନ୍ମ ଅସନ୍ତୁଷ୍ଟ ଆସନ୍ତା ବର୍ଷ ପୁରସ୍କାର ଘୋଷଣାର ବିରୋଧ ପାଇଁ ଏବେଠୁ ଲେଖାଲେଖିରେ ନିମଗ୍ନ ନଚେତ ଲେଖିସାରିଛନ୍ତି । କେବଳ ଯାହା ପୁରସ୍କୃତଙ୍କ ନାଁ ଓ ସଂସ୍ଥାର ନାଁ ବଦଳେଇବା କଥା । ନଚେତ ପୂର୍ବ ବର୍ଷର ବିରୋଧ ଓ ଚଳିତ ବର୍ଷର ବିରୋଧ ଭିତରେ ସେମିତି କିଛି ନୂତନତା ନ ଥାଏ । ଏ ସଂକ୍ରାନ୍ତରେ ଗଣମାଧ୍ୟମର ଭୂମିକା ଆହୁରି ମଉଜିଆ। ଟିଭି ଡିବେଟ୍‌ରେ ତିନିଜଣ ଅତିଥି ପ୍ରମୁଖ ବକ୍ତା ହୋଇ ବସିଥାନ୍ତି । ଜଣେ ସପକ୍ଷରେ, ଜଣେ ବିପକ୍ଷରେ ଓ ଆଉ ଜଣେ ଏ ଦୁଇଜଣଙ୍କୁ ଚିହାଇବାପାଇଁ ଥା'ନ୍ତି । ସେମିତି କୌଣସି ପୁରସ୍କାର ଘୋଷଣା ହେବା ପରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଯାଏ । କିଛି ଲୋକ ଅଭିନନ୍ଦନ ଜଣେଇ ସପକ୍ଷରେ ଲେଖନ୍ତି ତ କିଛି ଲୋକ ବିଦ୍ରୂପ କରି ବିରୋଧ କରନ୍ତି । ଏହା ବାଦେ ଉଦାରବାଦୀ ଚିନ୍ତାଧାରାର କିଛି ଲୋକ ଉଭୟଙ୍କୁ ସମତୁଲ କରି ଲେଖନ୍ତି । ଏମାନଙ୍କ ଲେଖାରେ ନା ବିରୋଧ ଥାଏ ନା ସମର୍ଥନ ଥାଏ । ବାଡ଼ି ଭାଙ୍ଗିବ ନାହିଁ କି ସାପ ମରିବନି । ଏପରି ଲୋକ ଉଭୟ ଗୋଷ୍ଠୀଙ୍କ ପ୍ରିୟଭାଜନ ଅର୍ଥାତ୍ ଏମାନେ ଏ ଘର ପିଉସୀ ସେ ଘର ମାଉସୀ । ପୁରସ୍କୃତ ହୋଇଥିବା ଲୋକର ପୋଷ୍ଟିଂରେ 'ଅଭିନନ୍ଦନ' ଲେଖିଥିବା ବେଳେ ବିରୋଧ କରୁଥିବା ଲୋକର ପୋଷ୍ଟରେ ''ଆପଣଙ୍କ ସହ ସମ୍ପୂର୍ଣ୍ଣ ସହମତ'' ବୋଲି ଲେଖିଥିବେ ।

ନୋବେଲ ପୁରସ୍କାର ଫେରେଇଥିବା ଦାର୍ଶନିକ ଜାଁ ପଲ୍ ସାର୍ତ୍ତେ କହିଥିଲେ, ପୁରସ୍କାର ଗୋଟେ ବୋଝ । କିନ୍ତୁ ଏଠି ସମସ୍ତେ ସେଇ ବୋଝ ବୋହିବା ପାଇଁ ବ୍ୟଗ୍ର । ବୋଝ ତ ଦୂରର କଥା ଛୋଟମୋଟ ଭୋଗେଇରେ ବି କୃତ୍ୟକୃତ୍ୟ ଅନୁଭବ କରନ୍ତେ ଆଉ ଗୋଟେ ଟାଇପର ଲେଖକ । କିଛି ନାହିଁ ସୋସିଆଲ ମିଡିଆରେ ସପ୍ତାହେ ଦି'ସପ୍ତାହେ ଅଭିନନ୍ଦନ, ଫୁଲତୋଡ଼ା, ମିଠେଇର ଇମୋଜି ପାଇବାର ସୁଖ ସ୍ୱପ୍ନ। ଦେଖୁ ଦେଖୁ କାହାର ଅଧାରୁ ଅଧିକ ଜୀବନ ଏମିତି ଗଲାଣି । ମା' ଗୋଜବାୟାଣୀ ସାଂସ୍କୃତିକ ଅନୁଷ୍ଠାନ ହେଉ କି ଗୁଣ୍ଡୁରି ବିକାଶ ପରିଷଦ ଭଳି ସାତ ହଜାର ଛଅଶହ ଅଣଚାଳିଶ ଅନୁଷ୍ଠାନ ଆଜିକାଲି ଲେଖାର ବିଭିନ୍ନ ବିଭାଗକୁ ତହଁକିକାତ କରି ସମ୍ମାନିତ ( ପୁରସ୍କୃତ ) କରିବାର ନଜିର ରହୁଛି । ଶୀତଦିନ ଆସିଲେ ଯେମିତି କିଛି ଲୋକଙ୍କ ମର୍ନିଂ ୱାକ୍ କଥା ମନେ ପଡେ ସେମିତି ଶୀତ ପଡିଲେ ସାହିତ୍ୟପ୍ରାଣମାନେ ଚଳଚଞ୍ଚଳ ହୋଇଉଠନ୍ତି । ମାଳ ମାଳ ଅନ୍ତର୍ଜାତୀୟ ସାହିତ୍ୟ ଓ କଳା ଉତ୍ସ, ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସ, ଜିଲାସ୍ତରୀୟ ପୁସ୍ତକ ମେଳା ଓ ପୁସ୍ତକ ଉନ୍ମୋଚନ ସଭା ବହୁଳଭାବେ ଦୃଶ୍ୟମାନ ହୁଏ । ଥୋକେ ସମ୍ବର୍ଦ୍ଧିତ ହେଉଥିବା ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡିଲା ବେଳକୁ ଆଉ ଥୋକେ ସମ୍ବର୍ଦ୍ଧନା ଦେଉଥିବା ଅନୁଷ୍ଠାନର ଚାରିତ୍ରିକ ଦୋଷ ବଖାଣିବାରେ ଲାଗିଯାଆନ୍ତି । ଖାସ୍ ତାକୁ ନଜରରେ ରଖି ଏବେ ପୁରସ୍କାର ବିଭାଗର ସଂଖ୍ୟା ବଢିବାରେ ଲାଗିଛି । ଗଳ୍ପ, କବିତା , ଉପନ୍ୟାସ, ଲୋକସାହିତ୍ୟ, ନାଟକ, ପ୍ରବନ୍ଧକୁ ବିଭାଗୀକରଣ କରି ଉଭୟ ଗୋଷ୍ଠୀର ଅଧିକରୁ ଅଧିକ ସାହିତ୍ୟିକଙ୍କୁ ସନ୍ତୁଷ୍ଟ କରୁଥିବା ବେଳେ ଅଣସାହିତ୍ୟିକମାନଙ୍କ ପାଇଁ ପ୍ରତି ସାହିତ୍ୟ ସଭାରେ ଦୃଶ୍ୟମାନ ବ୍ୟକ୍ତିଙ୍କୁ 'ସାହିତ୍ୟପ୍ରାଣ', ଆଗୁଆ ସଭାରେ ପହଞ୍ଚୁଥିବା ଲୋକକୁ 'ସମୟାନୁବର୍ତ୍ତିତା', ପଢ଼ କି ନ ପଢ଼ କିନ୍ତୁ ଫେସ୍ ବୁକ୍‌ରେ ପ୍ରତି ଲେଖାରେ ଲାଇକ ମାରୁଥିବା, ମତ ଦେଉଥିବା ବ୍ୟକ୍ତିକୁ 'ଶ୍ରେଷ୍ଠ ପାଠକ', ଭାଷା, ଦାମ,ବିଷୟ ନିର୍ବିଶେଷରେ ସବୁ ଲେଖକଙ୍କ ନୂତନ ପୁସ୍ତକ ଆଗମନର ସୂଚନାରେ ଅଭିନନ୍ଦନ ଜଣେଇ ଅପେକ୍ଷାରେ ରହିଲି ଲେଖୁଥିବା ଲୋକକୁ 'ଶ୍ରେଷ୍ଠ କ୍ରେତା' ଭଳି ପୁରସ୍କାର ଦେବା ସବୁ ଆରମ୍ଭ ହେଲାଣି । ଯେତିକି ଯେତିକି ଆଶାୟୀ ଅସନ୍ତୁଷ୍ଟିଆଙ୍କ ସଂଖ୍ୟା ବଢୁଛି ସେହି ଅନୁପାତରେ ପୁରସ୍କାରର ବିଭାଗ ବଢୁଛି । ଶୁଣିଲି, କାଳେ ଏ ବର୍ଷ ପ୍ରତି ସମ୍ବର୍ଦ୍ଧନା ମଞ୍ଚରେ ଚାଳିଶ ପଚାଶଟି ମାନପତ୍ର ଦେବା ପାଇଁ ଆରମ୍ଭରୁ ଶେଷ ଯାଏ ଧୈର୍ଯ୍ୟର ସହ ଛିଡା ହୋଇ ରହୁଥିବା ବୟୋଜ୍ୟେଷ୍ଠ ଅତିଥିଙ୍କୁ 'ସମର୍ପିତ ତ୍ୟାଗ' ନାଁରେ ଏକ ନୂତନ ପୁରସ୍କାର ଦେବା ପାଇଁ ଯୋଜନା ଚାଲିଛି । ଦେବା ବି ଉଚିତ । ଘଣ୍ଟା ଘଣ୍ଟା ଧରି ଛିଡାହୋଇ ମାନପତ୍ର ବାଣ୍ଟିଲା ପରେ ଆଣ୍ଠୁ ଯନ୍ତ୍ରଣା ସହ ଖାଲି ହାତରେ ଘରକୁ ଫେରୁଥିବା ବିଚରା ବୟସ୍କ ଅତିଥିଜଣଙ୍କୁ ଅନ୍ତତଃ ସାନ୍ତ୍ୱନାମୂଳକ ଭାବେ ଖଣ୍ଡେ ଗାମୁଛା ଓ ମାନପତ୍ର ମିଳିବା ଉଚିତ । କିଛିଦିନ ତଳେ ଜଣେ ସାହିତ୍ୟ ଠିକାଦାର ମନ ଦୁଃଖରେ କହିଲେ ସେଇ ସିମେଣ୍ଟ,ବାଲି, ଗୋଡି ଫେଣ୍ଟି ଫେଣ୍ଟି ମନ ଚିକିଟା ଧରିଲାଣି । ଆଉ ସେଥିପ୍ରତି ଲୋକଙ୍କ ଆଗ୍ରହ ଥିଲା ଭଳି ଲାଗୁନି । ନୂଆକିଛି ଆଇଡିଆ ଥିଲେ କୁହନ୍ତୁ, ମୁଁ କହିଲି ଅଛି, ଏକଦମ୍ ନୂଆ । ବିନା ସିମେଣ୍ଟ ବାଲିରେ କୋଠା ଠିଆ କରିଦେବୁ । କିଛି ପ୍ରତିଷ୍ଠିତ ସାହିତ୍ୟିକଙ୍କ ସହ ଆଗୁଆ ଭିତିରି ଯୋଗାଯୋଗ କରି ତାଙ୍କୁ ଅମୁକ ପୁରସ୍କାର ଦିଆଯିବ ବୋଲି ଘୋଷଣା କରେ । ତା' ପରେ ଏଇ ଭୋଗେଇ ଜାତୀୟ ପୁରସ୍କାର ନେବାକୁ ସେହି ସାହିତ୍ୟିକ ନିଶ୍ଚୟ ନିଜର ବ୍ୟକ୍ତିଗତ ନୀତି ଓ ଆଦର୍ଶଗତ କାରଣ ହେତୁ ବିନମ୍ରତାର ସହ ପୁରସ୍କାର ଗ୍ରହଣ କରିବାକୁ ମନା କରିବେ । ପୁରସ୍କାର ନେଇ କିମ୍ବା ଦେଇକି ଅପବାଦ ମୁଣ୍ଡେଇବା ଅପେକ୍ଷା ଦେଖିବ ବିନା ସଭା ଓ ଖର୍ଚ୍ଚବାର୍ଚ୍ଚରେ ତୁମ ସଂସ୍ଥା ଓ ସମ୍ପୃକ୍ତ ସାହିତ୍ୟିକ ବେଶି ନାଁ କମେଇବେ । ପୁରସ୍କାର ପାଉଥିବା ଲୋକଙ୍କ ଅପେକ୍ଷା ପୁରସ୍କାରକୁ ମନା କରୁଥିବା ଲୋକଙ୍କ ବେଶି ଚର୍ଚ୍ଚା ହୁଏ । ଲକ୍ଷ୍ୟ କର, ନୋବେଲ ପୁରସ୍କାର ପାଇଥିବା ଲୋକଙ୍କ ଅପେକ୍ଷା ପୁରସ୍କାର ନେବାପାଇଁ ମନା କରିଥିବା ସାହିତ୍ୟିକଙ୍କୁ ବେଶି ଲୋକ ମନେରଖନ୍ତି । ଏଥିରେ କିଛି ଖର୍ଚ୍ଚ ନାହିଁ କିନ୍ତୁ ନାଁ ଅଧିକ । ବିନା ସିମେଣ୍ଟ ବାଲିରେ କୋଠା ଗଢିବା କଥା । ରାଜ୍ୟର ଶତକଡ଼ା ଅନେଶତ ଭାଗରୁ ଅଧିକ ଲୋକ ସାହିତ୍ୟ ଫାଇତ୍ୟ ବୁଝନ୍ତି ନାହିଁ । ସାରଳା ପୁରସ୍କାର, କେନ୍ଦ୍ର ସାହିତ୍ୟ ପୁରସ୍କାର, ମୂର୍ତ୍ତିଦେବୀ ପୁରସ୍କାର କଥା ସେମାନେ ଜାଣନ୍ତି ନାହିଁ । ମୋ ପଡ଼ିଶା ଘର ଲୋକ ଆମ୍ଭ ଲେଖାଲେଖି କରିବା କଥାକୁ ଦେଖେଇ ହୋଇ ଅନ୍ୟ ପଡିଶା ଲୋକକୁ କେତେଥର କହିବା ଶୁଣିଲିଣି ସାହୁ ବାବୁ ମଣିଷ ହିସାବରେ ଭଲ ଯେ ହେଲେ ମୁଣ୍ଡ ଦୋଷ ଅଛି । ନ ହେଲେ କି ଲେଖାଲେଖି କରି ଏତେ ସମୟ କି ମୁଣ୍ଡ ସାରନ୍ତେ ! ସତ କହିବାକୁ ଗଲେ ଆଜି ଟୁଙ୍ଗୁରୁକୁ ସାଧାରଣ ଲୋକେ ଯେତିକି ଚିହ୍ନନ୍ତି କି ଜାଣନ୍ତି, ସାହିତ୍ୟରେ ନୋବେଲ ଭଳି ପୁରସ୍କାର ପାଇଥିବା ଲୋକକୁ ପ୍ରାୟ ସେତିକି ଜାଣନ୍ତିନି । ଖୋଦ ଲେଖାଲେଖି କରୁଥିବା ସାହିତ୍ୟିକ ପୂର୍ବ ବର୍ଷ ରାଜ୍ୟ ସାହିତ୍ୟ ଏକାଡେମୀ କିଏ କିଏ ପାଇଛନ୍ତି କହି ପାରିବେନି। ତଥାପି ସେ ପୁରସ୍କାର ମାୟାରେ ବାୟା ସାହିତ୍ୟିକମାନେ ଯେ କୌଣସି ସ୍ତରକୁ ଯାଇପାରନ୍ତି । ଆମ ସମାଜରେ ଲେଖକର ସ୍ଥିତି ଆମ ହୃଦୟରେ ବାଡ଼ି ଗୋବରେ ଗୋବେ ଜାଗା ସାହିତ୍ୟି ପାଇଁ ଅଛି କି ନାହିଁ ଭାବି ତ ହେବାକୁ ପଡ଼େ । ଶନି ଦଶାରୁ ମୁକୁଳିବା ଲାଗି ଆମ ସାହିତ୍ୟିକମାନେ ଖୋଦ ଶନିଦେବଙ୍କ ପାଇଁ ନୂଆ ସ୍ତୋତ୍ର ନିଶ୍ଚୟ ତ ଲେଖିଦେବେ ହେଲେ ଶନିଦେବ ସେ ସ୍ତୋତ୍ର ବୁଝିଲେ ହେଲା !

*–ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*




## ପୁସ୍ତକ ସମୀକ୍ଷା

### ନିଶୀଥ ଆକାଶର ସାଥି କଇଁ

**ଲଳିତ କୁମାର ସ୍ୱାଇଁ**
**ପ୍ରକାଶକ–ତୀରତରଙ୍ଗ, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର –୨୪, ମୂଲ୍ୟ–୧୪୦ଟଙ୍କା**

କଇଁ ଲଳିତ କୁମାର ସ୍ୱାଇଁଙ୍କ କବିତା ପୁସ୍ତକ । ଏଥିରେ ୮୫ଟି କବିତା ପ୍ରକାଶ ପାଇଛି । କବିଙ୍କର କଇଁ ପ୍ରେମର ରଙ୍ଗ ଯେତିକି ନୀଳ, ଜୀବନର ବାସ୍ତବ ଚିତ୍ରଣରେ ସେତିକି ଧବଳ। ଜଣେ ତରୁଣ କବି ସମକାଳୀନ ପାଣିପାଗକୁ ନେଇ କବିତା ରଚନା କରିବା ଖୁବ୍ ଆଶ୍ୱାସନାର କଥା । ବେସାଲିଶ ପଣ ତାଙ୍କ କବିତା ଭିତରେ ଫୁଟି ଉଠିଛି । ଏଥିରେ ଥିବା କବିତାଗୁଡିକ ମାନବୀୟ ସମ୍ବେଦନତାରେ ପରିପୂର୍ଣ୍ଣ । କବିଙ୍କ କାବ୍ୟିକ ଦକ୍ଷତା ତାଙ୍କୁ ପାଠକଙ୍କ ପାଖରେ ପ୍ରିୟ କରିବ ବୋଲି ଆଶା ।




### ପଚାଶ ଅଭୁଲା ଦିବସ

**ପ୍ରଫେସର(ଡ଼ଃ) ଶିବ ଚରଣ ନାୟକ**
**ପକ୍ଷୀଘର ପ୍ରକାଶନୀ**
**ମଧୁସୂଦନ ନଗର, ଭୁବନେଶ୍ୱର, ମୂଲ୍ୟ–୧୭୫ଟଙ୍କା**


୫୦ ଅଭୁଲା ଦିବସ ପ୍ରଫେସର(ଡ଼ଃ) ଶିବ ଚରଣ ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ । ଏଥିରେ ପ୍ରତି ମାସରେ ପଡୁଥିବା ବିଭିନ୍ନ ଦିବସ ଉପରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ବ୍ୟସ୍ତ ଭିତରେ ମଣିଷ ନିକଟରେ କମ୍ ସମୟ ରହିଛି । ଫଳରେ ସ୍ୱଳ୍ପ ଲେଖାରେ ଯେଉଁ ସୁନ୍ଦର ତଥ୍ୟ ପ୍ରଫେସର ନାୟକ ଦେଇଛନ୍ତି ତାହା ନିଶ୍ଚୟ ସମସ୍ତଙ୍କୁ ପ୍ରଭାବିତ କରିଛି । ପୁସ୍ତକରେ ପ୍ରକାଶିତ ଦିବସଗୁଡିକୁ ପଢିଲେ ତାହା ଜ୍ଞାନ ବୃଦ୍ଧିରେ ସହାୟକ ହେବା ସହ ଅନେକ କ୍ଷେତ୍ରରେ କାର୍ଯ୍ୟରେ ଆସିବ ଏଥିରେ ଦ୍ୱିମତ ନାହିଁ। ପୁସ୍ତକଟି ଜନାଦୃତ ହେବାର ଆଶା କରାଯାଏ।




### ସନ୍ଦିଗ୍ଧ ସମ୍ବିଧାନ

**ମଦନ ମୋହନ ମହାକୁଡ**
**ଶାଳନ୍ଦୀ ବୁକ୍ସ, ଜଗନ୍ନାଥ ବିହାର, ଭୁବନେଶ୍ୱର**
**ମୂଲ୍ୟ–୧୭୦ଟଙ୍କା**

ସନ୍ଦିଗ୍ଧ ସମ୍ବିଧାନ ମଦନ ମୋହନ ମହାକୁଡଙ୍କ ଗଳ୍ପ ସଂକଳନ । ଏଥିରେ ୧୮ଟି ଗପ ସ୍ଥାନ ପାଇଛି । ଗପଗୁଡିକ ସାମାଜିକ ଚଳଣି, ସଂସ୍କୃତି ଓ ସମାଜରେ ଘଟୁଥିବା ସମସ୍ୟାକୁ ନେଇ ରଚିତ । ବହୁ ଅପରାଧ ସମାଜରେ ଦୈନିକ ଘଟୁଛି । ଫଳରେ ଲୋକଙ୍କ ମନରେ ବିଷାଦ ଓ ହତାଶା ଭାବ ଦେଖାଦେଉଛି। କିନ୍ତୁ ଗାଳ୍ପିକଙ୍କ ଗଳ୍ପ କଳା ସ୍ୱତନ୍ତ୍ର ଓ ନିଆରା। ଚରିତ୍ରଗୁଡିକୁ ସେ ଯେତେ ପାଖରୁ ଦେଖିଛନ୍ତି, ସେଗୁଡିକୁ ସେତିକି ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି ଆଶା ପୁସ୍ତକଟି ଗଳ୍ପ ସାହିତ୍ୟରେ ଆଦୃତି ଲାଭ କରିବ ।



# ଭୋକ୍ସୱାଗନ୍ ଚେୟାର୍

**ହା**ଇଟେକ୍ ଅଫିସ୍ ଚେୟାର୍ ୱାଟରପ୍ରୁଫ ହେବାସହ ଷ୍ଟେନପ୍ରୁଫ୍ ଓ ଏହାର ଡିଜାଇନ୍ ବହୁତ ଆକର୍ଷକ ହୋଇଥାଏ । ହେଲେ ଜର୍ମାନୀର କାର୍ ନିର୍ମାଣକାରୀ ଭୋକ୍ସୱାଗନ୍ କମ୍ପାନୀ ନିକଟରେ ତିଆରି କରିଛି ଏମିତି ଏକ ଅଫିସ୍ ଚେୟାର୍ ଯାହା ସମ୍ପର୍କରେ ଜାଣିଲେ ଅଫିସ୍ ଯାଉଥିବା ପ୍ରତ୍ୟେକ କର୍ମଚାରୀଙ୍କର ତାହା ଏକ ଡ୍ରିମ୍ ଚେୟାର ପାଲଟିଯିବ । ଭୋକ୍ସୱାଗନ୍‌ର ଇଞ୍ଜିନିୟର ଓ ଡିଜାଇନର୍‌ମାନେ ତିଆରି କରିଥିବା ଉକ୍ତ ଚେୟାର୍ କାର୍ ପରି ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯାଇପାରିବ । ସେପୁଣି ଘଣ୍ଟା ପ୍ରତି ୧୨ ମିଟର ଗତିରେ । ଏଥିରେ କାର୍‌ର ସମସ୍ତ ଫିଚର୍ ଦେବାକୁ ପ୍ରୟାସ କରାଯାଇଛି । ତେଣୁ ଏଥିରେ ମୋଟର ସଂଯୁକ୍ତ କରାଯିବାସହ ଡ୍ରାଇଭିଂ କଣ୍ଟ୍ରୋଲସ୍, ସିଟ୍ ବେଲ୍ଟ, ବିଲ୍ଟ ଇନ୍ ସ୍ପିକର୍, ହର୍ଙ୍କ୍ ଲଗାଯାଇଛି । ତାସହ ଚେୟାର୍‌ର ଛୋଟ ଛୋଟ ଚକରେ ଛୋଟ ଛୋଟ ରିମ୍, ବ୍ୟାକଅପ୍ କ୍ୟାମେରା, ଟଚ୍‌ସ୍କ୍ରିନ ଡିସପ୍ଲେ, ଆର୍ମରେଷ୍ଟରେ ହେଡଲାଇଟ୍ସ, ଡକ୍ୟୁମେଣ୍ଟ ଷ୍ଟୋର କରିବା ଲାଗି ଛୋଟ ପକେଟ୍ ବି ଲାଗିଛି । ଆଉ ହେଡରେଷ୍ଟରେ WV ଲୋଗୋ ବି କରାଯାଇଛି ।
ହେଲେ କମ୍ପାନୀ ଏହାକୁ କମରସିଆଲୀ ବିକ୍ରି କରିବ ନାହିଁ ବୋଲି ପ୍ରକାଶ କରିଛି ।









# ଏତେ ଜୀବନ୍ତ!

**ବ୍ରା**ଜିଲୀୟ ଚିତ୍ରକର ଫାବିଆନୋ ମିଲାନି ତାଙ୍କର ଜୀବନ୍ତ ଅଏଲ୍ ପେଣ୍ଟିଂ ପାଇଁ ବେଶ୍ ପରିଚିତ । ତାଙ୍କ ହାତର ଜାଦୁକରୀ ଏମିତି ଯେ ସେ କରୁଥିବା ପ୍ରତିଟି ଚିତ୍ର କୌଣସି ହାଇ ଡେଫିନେଶସନ୍ ଫଟୋଗ୍ରାଫ୍ ପରି ଲାଗେ । ଏତେ ଜୀବନ୍ତ ପେଣ୍ଟିଂ କରୁଥିବା ଫାବିଆନୋ କିନ୍ତୁ ପିଲାଦିନୁ ଚିତ୍ର କରୁ ନ ଥିଲେ । ୧୮ ବର୍ଷ ବୟସରେ ସେ ଏକ ପେଣ୍ଟିଂ କୋର୍ସ କରି ଚିତ୍ର କରିବା ଆରମ୍ଭ କଲେ । ଆଉ ଏବେ ସେ ପରିଚିତ ଜଣେ ହାଇପର ରିଆଲିଷ୍ଟିକ ପେଣ୍ଟର ଭାବେ । ସେ ଅନେକ ପ୍ରକାରର ଜୀବନ୍ତ ପେଣ୍ଟିଂ କରିଛନ୍ତି ହେଲେ ସେ କରିଥିବା ଏକ ସିରିଜ୍ ଫେମିନାଇନ୍ ପୋର୍ଟ୍ରେଟ୍ ଯେଉଁଥିରେ ସୁନ୍ଦରୀ ମହିଳାଙ୍କ ଚେହେରାରେ ପାଣି, ମହୁ ଓ କ୍ଷୀର ବୋହୁଥିବାର ଦୃଶ୍ୟ ଦେଖିବାକୁ ମିଳେ ତାହା ବହୁତ ପ୍ରସିଦ୍ଧ ଓ ଲୋକପ୍ରିୟ । ଏହି ପେଣ୍ଟିଂଗୁଡିକୁ ସେ ଏତେ ନିଖୁଣ ଓ ଜୀବନ୍ତଭାବେ କରିଛନ୍ତି ଯେ, ଯେତେ ନିରିଖେଇ ଦେଖିଲେ ବି କେହି କହିପାରିବେନି ତାହା ପେଣ୍ଟିଂ ନା ହାଇ ଡେଫିନିଶନ୍ ଫଟୋ ।

# ଆଲମାରୀରେ ରଖିଛନ୍ତି ହାର୍ଟ ଓ ଲିଭର୍

**୨୮** ବର୍ଷୀୟା ଜେସିକା ମାନିଙ୍ଗ ନ୍ୟୁଜିଲାଣ୍ଡରେ ରୁହନ୍ତି । ଜନ୍ମରୁ ତାଙ୍କର ହୃଦଜନିତ ରୋଗ ରହିଛି । ତାଙ୍କ ହୃତପିଣ୍ଡ ଅଧା ବିକଶିତ ହୋଇଥିଲା । ତା'ସହ ସେଥିରେ କଣା ଓ ଲିକ୍ ହେଉଥିବା ଭାଲ୍‌ଭ ଥିଲା । ତିନି ବର୍ଷ ବୟସର ହେବା ବେଳକୁ ତାଙ୍କର ଓପନ ହାର୍ଟ ସର୍ଜରୀ ହୋଇସାରିଥିଲା । ସମସ୍ତଙ୍କୁ ଲାଗୁଥିଲା ସେ ବେଶି ଦିନ ଜୀବିତ ରହିବେ ନାହିଁ । କିନ୍ତୁ ସମସ୍ତଙ୍କୁ ଭୁଲ ପ୍ରମାଣିତ କରି ଏବେ ସେ ୨୮ ବର୍ଷ ବୟସର ହେଲେଣି । ତାଙ୍କର ୨୦୦ରୁ ଊର୍ଦ୍ଧ୍ୱ ସର୍ଜରୀ ହୋଇ ସାରିଲାଣି । ଯେଉଁଥିରେ ୫ଟି ଓପନ ହାର୍ଟ ସର୍ଜରୀ ରହିଛି । ଦୁଇଟି ପେସ୍‌ମେକର୍ ସର୍ଜରୀ ଏକ ଏମରଜେନ୍ସି ଲଙ୍ଗସ୍ ସର୍ଜରୀ ରହିଛି । ୨୫ ବର୍ଷ ବୟସରେ ତାଙ୍କର ହାର୍ଟ ଓ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା । ତାଙ୍କ ଛାତି ଓପେଟରେ ଅନେକ ସର୍ଜରୀର ଚିହ୍ନ ଅଛି । ତାଙ୍କ ହାର୍ଟ ଓ ଲିଭରକୁ ପରବର୍ତ୍ତୀ ସମୟରେ ବିଶ୍ୱ ବିଦ୍ୟାଳୟରେ ରିସର୍ଚ ପାଇଁ କିଛି ସମୟ ଲାଗି ନିଆଯାଇଥିଲା । ପରେ ଯେବେ ତାଙ୍କୁ ତାଙ୍କର ସେହି ଅଙ୍ଗକୁ ଫେରାଗଲା ସେ ତାକୁ ପ୍ଲାଷ୍ଟିକ ଥଳିରେ ରଖି ନିଜ ଆଲମାରୀ ଭିତରେ ରଖିଛନ୍ତି । ସୋସିଆଲ ମିଡିଆରେ ବି ସେ ଏହାକୁ ଦେଖାଇ ଭିଡିଓ କରିଛନ୍ତି । ଆଉ ଲୋକେ ତାଙ୍କ ଜୀବନର ଏହି ସଂଘର୍ଷକୁ ବହୁତ ପ୍ରଶଂସା କରୁଛନ୍ତି ।

